ଧରିତ୍ରୀ
26th August-1st September 2018 ₹ 2/-



୩

# ଭଉଣୀ ଭାଇ

## ଦୁହେଁ ଦୁହିଁଙ୍କ ପାଇଁ

ଭଉଣୀଭାଇର ସମ୍ପର୍କ ଯେତିକି ଆପଣାର ସେତିକି ଗଭୀର । ଏଥିରେ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଯେମିତି ଥାଏ, ମିଠାମିଠା ମାନ ଅଭିମାନ ବି ସେମିତି ଥାଏ । ହେଲେ ପରିସ୍ଥିତିରେ ପଡ଼ିଲେ ଭଉଣୀଭାଇ, ଦୁହେଁ ଦୁହିଁଙ୍କ ପାଇଁ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ପରସ୍ପରର ସାହାଭରସା ସାଜିଥାନ୍ତି...



୮/୯



୧୩

## ନମେରି

ରାଷ୍ଟ୍ରୀୟ ଉଦ୍ୟାନ

ସହର ଠୁ ଦୂର

# ବିଶାଳ ରାଖୀ

ସ୍ନେହ ଓ ସୌହାର୍ଦ୍ଦ୍ୟର ପର୍ବ ରାଖୀ। ଆଜିକାଲି ମାର୍କେଟରେ ଭଳି କି ଭଳି ରାଖୀର ସମ୍ଭାର ଦେଖିବାକୁ ମିଳୁଛି। ତେବେ କିଛି ବ୍ୟକ୍ତି ଏହି ଅବସରରେ ବିଶାଳ ରାଖୀ ପ୍ରସ୍ତୁତ କରି ରେକର୍ଡ ମଧ୍ୟ



ସୃଷ୍ଟି କରିଛନ୍ତି। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ଉତ୍ତର ପ୍ରଦେଶର ଅମନ ଗୁଲାଟି। ଅମନ ୮୮୦ ଫୁଟ ଲମ୍ବ ଏବଂ ୫ ଫୁଟ ଗୋଲେଇ ବିଶିଷ୍ଟ ଏକ ବିଶାଳ ରାଖୀ ପ୍ରସ୍ତୁତ କରି ରେକର୍ଡ ସୃଷ୍ଟି କରିଛନ୍ତି। କାନଭାସ ଉପରେ କଲର ପେଣ୍ଟ, ଆର୍ଟିଫିସିଆଲ ଫୁଲ, ରିବନ ଆଦି ବ୍ୟବହାର କରି ସେ ଏହି ରାଖୀ ପ୍ରସ୍ତୁତ କରିଥିଲେ। ସେହିଭଳି ବାଙ୍ଗାଲୋରର ବ୍ରହ୍ମାକୁମାରୀମାନେ ଏହି ଅବସରରେ ୪୦ ଫୁଟ ଉଚ୍ଚ ଏବଂ ୪୦୦ ଫୁଟ ଲମ୍ବ ବିଶିଷ୍ଟ ରାଖୀ ପ୍ରସ୍ତୁତ କରି ଆଉ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ଷ୍ଟିଲ ରଡ ଉପରେ ରେଶମ କପଡା, ଲେସ୍, ରିବନ୍, ବାଉଁଶ ପାଡି, ରଶି, ଫ୍ଲେକ୍ସ କଲର ପ୍ରିଣ୍ଟ ବ୍ୟବହାର କରି ଏହି ରାଖୀ ପ୍ରସ୍ତୁତ କରିଥିଲେ। ପଞ୍ଜାବର ଗୁରପ୍ରୀତ ସିଂ ନାମକ ଜଣେ ବ୍ୟକ୍ତି ମଧ୍ୟ ପେପରରେ ଏକ ବିଶାଳ ରାଖୀ ପ୍ରସ୍ତୁତ କରି ରେକର୍ଡ ସୃଷ୍ଟି କରିବାର ଗୌରବ ଅର୍ଜନ କରିଛନ୍ତି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

୨୬ ଅଗଷ୍ଟ-୧ ସେପ୍ଟେମ୍ବର, ୨୦୧୮

**ମେଷ**
ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସୁସ୍ଥତା, କର୍ମକ୍ଷେତ୍ରରେ ମତଭେଦ, ମାନସିକ ବ୍ୟସ୍ତତା, ଅର୍ଥ ପାଇବେ, କାର୍ଯ୍ୟସିଦ୍ଧି, ରାଜକୀୟ ସମ୍ମାନ, ନୂତନ କର୍ମସଂସ୍ଥାନ, ଯୋଜନା କାର୍ଯ୍ୟକାରୀ ହେବ। ମଙ୍ଗଳ ଓ ଶନିବାର ବିବାଦ, ଧନହାନି, କଳହ।

**ବୃଷ**
କର୍ମକ୍ଷେତ୍ରରେ ଉଚ୍ଚାଭିଳାଷ, ଆର୍ଥିକ ଅଭିବୃଦ୍ଧି। ଦୂରଯାତ୍ରା, ସତ୍‌ସଙ୍ଗ, ଦ୍ରବ୍ୟ ଲାଭ, ମାନସିକ ସ୍ଥିରତା, ଯାନ୍ତ୍ରିକ ତ୍ରୁଟି, ବାଣିଜ୍ୟରେ ପ୍ରତିବନ୍ଧକ, ପରୋକ୍ଷ ଶତ୍ରୁତା ଓ ସାହିତ୍ୟ-ସଙ୍ଗୀତରୁ ସମ୍ମାନ। ସୋମ ଓ ଶୁକ୍ରବାର ସ୍ୱାସ୍ଥ୍ୟହାନି, ମତାନ୍ତର ଘଟିବ।

**ମିଥୁନ**
ବନ୍ଧୁଗହଣରେ ଯାତ୍ରା, ପାରିବାରିକ ସୌଖ୍ୟ, ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ, ଅର୍ଥ ଲାଭ, ପାରିବାରିକ ବିଶୃଙ୍ଖଳା, ନିର୍ମାଣରେ ପ୍ରତିବନ୍ଧକ, ଦାୟିତ୍ୱଭାର ବୃଦ୍ଧି, ଶୁଭଖବର ପ୍ରାପ୍ତି ଓ ନୂତନ ସମ୍ପର୍କ। ମଙ୍ଗଳ ଓ ଶନିବାର ସମସ୍ୟାବୃଦ୍ଧି, କଳହ,ଶତ୍ରୁତା।

**କର୍କଟ**
କର୍ମୋନ୍ନତି, ଜଞ୍ଜାଳ ବଢ଼ିଯିବ, ଚାପ ବୃଦ୍ଧି ପାଇବ, ଅବସର ପାଇବେନି, ଆର୍ଥିକ ଉନ୍ନତି, ସୁସମ୍ବାଦ ଶୁଣିବେ। ଦୂରସ୍ଥାନକୁ ଯାତ୍ରା, ଅର୍ଥ ସଙ୍କଟ ଟଳିଯିବ। ସାମ୍ବାଦିକତାରୁ ଗୌରବ। ରବି ଓ ଗୁରୁବାର ଧନହାନି, ଅଶୌଚ ଖବର ପ୍ରାପ୍ତି।

**ସିଂହ**
ସୁସ୍ଥ ପରିବେଶରୁ ଆନନ୍ଦ, ସାମଜିକ ପ୍ରତିଷ୍ଠା, ଅତିଥିଙ୍କ ସାନ୍ନିଧ, ଶିକ୍ଷାରେ ଉନ୍ନତି, ସନ୍ତାନଙ୍କ ଗୌରବ, ପାରିବାରିକ କଳହ, ସମସ୍ୟା ବୃଦ୍ଧି, ଧନ ବ୍ୟୟ, ସମ୍ପର୍କ ହାନି, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ଗୁରୁ ଓ ଶନିବାର ବନ୍ଧୁବିଗ୍ରହ, ପାଦରେ ଆଘାତ, ଯାନ୍ତ୍ରିକ ତ୍ରୁଟି।

**କନ୍ୟା**
ଉତ୍ସାହିତ ହେବେ, ସହାୟତା ପାଇବେ, ବନ୍ଧୁମିଳନ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ପ୍ରତିଷ୍ଠା, ଲକ୍ଷ୍ୟହୀନ ଯାତ୍ରା, ସ୍ୱାସ୍ଥ୍ୟହାନି, ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଦ୍ରବ୍ୟ ନଷ୍ଟ ଓ ସନ୍ତାନକଷ୍ଟ। ମଙ୍ଗଳ ଓ ଶନିବାର କଳହ, ଧନହାନି, ବିଜାତୀୟ ବ୍ୟକ୍ତିଙ୍କ ଶତ୍ରୁତା।

**ତୁଳା**
କାର୍ଯ୍ୟବ୍ୟସ୍ତତା, କାର୍ଯ୍ୟ ସ୍ଥଗିତ ରହିବ, ସହଯୋଗ ପାଇବେନି, ଅସୁବିଧା ଭୋଗିବେ। ବନ୍ଧୁବିରୋଧୀ ହେବେ, ଅର୍ଥ ଓ ସ୍ୱାସ୍ଥ୍ୟହାନି। ସରକାରୀ ସହାୟତା, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ। ଗୁରୁ ଓ ଶୁକ୍ରବାର ଧନହାନି, କଳହ।

**ବିଛା**
ଶାରୀରିକ ଅସୁସ୍ଥି, ପରିବାରରେ ଝଡ, ଗୁରୁଜନଙ୍କ ଆଶ୍ୱାସନା, ଅସଂପୂର୍ଣ୍ଣ କାର୍ଯ୍ୟ, ବନ୍ଧୁଙ୍କ ଅନାଦର ଭାବ। ଯାତ୍ରାରେ ସଫଳତା, ଆଶା ଅନୁରୂପ ଫଳ। ନୂତନ ସମ୍ପର୍କ, ଋଣପାଇବେ, ମଙ୍ଗଳ ଓ ବୁଧବାର-ମନସ୍ତାପ, ଭୁଲ୍ ବୁଝାମଣା, ପାରିବାରିକ ଦ୍ୱନ୍ଦ୍ୱ।

**ଧନୁ**
କାର୍ଯ୍ୟରେ ସଫଳତା, ଖୁସିର ଆସର, ସମସ୍ୟାର ସମାଧାନ, ଖୋଜୁଥିବା ଜିନିଷ ପାଇବେ, ଅନୁତାପ, ଅନ୍ୟମନସ୍କ, ଶାରୀରିକ ପୀଡ଼ା। କାର୍ଯ୍ୟସିଦ୍ଧି, ସଙ୍ଗୀତ, ଚଳଚ୍ଚିତ୍ରରେ ସମ୍ମାନ। ସୋମ ଓ ଶୁକ୍ରବାର ବନ୍ଧୁ ସମ୍ପର୍କହାନି, ସମସ୍ୟା ବହୁଳତା।

**ମକର**
ଶାରୀରିକ ସୁସ୍ଥତା, ଅର୍ଥଲାଭ, ପାରିବାରିକ ସ୍ନେହ, ସୌହାର୍ଦ୍ଦ୍ୟ, ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସମ୍ମାନ, ଶତ୍ରୁତାର ଅବସାନ, ବିବାଦରେ ବିଜୟ, ଖର୍ଚ୍ଚ ପରିମାଣ ବୃଦ୍ଧି। ହୋଟେଲ ଶିଳ୍ପରେ ଉନ୍ନତି, ରବି ଓ ବୁଧବାର ସମ୍ମାନହାନି, ଧନହାନି।

**କୁମ୍ଭ**
ଅର୍ଥ ଓ ସମ୍ମାନ, ସମସ୍ୟା ସମାଧାନ, ସ୍ୱାସ୍ଥ୍ୟ ଓ କାର୍ଯ୍ୟହାନି, ବନ୍ଧୁଙ୍କ ସାହାଯ୍ୟ, ମନୋବଳ ବୃଦ୍ଧି। ବିବାଦରେ ବିଜୟ, କଚେରି ମାମଲାର ସମାଧାନ, ଯାନ୍ତ୍ରିକ ଜିନିଷ ଲାଭ, ଜମିଜମା ଲାଭ, କଳାପ୍ରିୟ ହେବେ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ। ସୋମ ଓ ବୁଧବାର ଅସୁସ୍ଥତା, ଅସାବଧାନତା, ଧନହାନି ଓ କଳହ।

**ମୀନ**
ଅତୀତ ଘଟଣାର ଅନୁଚିନ୍ତା, କଳହ, ବିତର୍କବୃଦ୍ଧି, ସନ୍ତାନଙ୍କ ବିଶୃଙ୍ଖଳା, ପୂର୍ବଶତ୍ରୁତାର ପରିଣାମ, ଅର୍ଥ ଲାଭ, ପ୍ରତିବନ୍ଧକ ହଟିଯିବ। ସହକର୍ମୀଙ୍କ ସହଯୋଗ, ଶୁଭ ଖବର ପାଇବେ, କୃଷିରେ କ୍ଷତି। ରବି ଓ ଶୁକ୍ରବାର ମନସ୍ତାପ, ବୃଥାଚିନ୍ତା, କାର୍ଯ୍ୟହାନି ଘଟିବ।

## ରାଖୀ କେଉଁଠି କେମିତି ?





*ଭାଇର ଶୁଭ ମନାସି ଭଉଣୀ ଅତି ସରାଗର ସହ ତା' ହାତରେ ବାନ୍ଧି ଦିଏ ରାଖୀଟିଏ। ଏହା ତା'ଭାଇକୁ ସବୁ ବିପଦଆପଦରୁ ରକ୍ଷା କରିବ। ଏହି ବିଶ୍ୱାସ ନେଇ ଚଳି ଆସିଥିବା ଏହି ପରମ୍ପରା ବହୁ ପୁରାତନ। ତେବେ ଭାରତର ବିଭିନ୍ନ ପ୍ରାନ୍ତରେ ଏହି ପର୍ବକୁ ପାଳନ କରିବାର ବିଭିନ୍ନ ପ୍ରଥା ଏବଂ ଭିନ୍ନ ଭିନ୍ନ ନାଁ ରହିଛି।*

- ଭାରତର ପଶ୍ଚିମ ପ୍ରାନ୍ତ ଅର୍ଥାତ ଗୋଆ, ମହାରାଷ୍ଟ୍ର ଆଦି ଅଞ୍ଚଳରେ ରାଖୀକୁ 'ନାରିୟଲ ପୂର୍ଣ୍ଣିମା' ବୋଲି କୁହାଯାଏ। ବିଶେଷ ଭାବେ ଏହି ପର୍ବଟି ଏଠାକାର ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା କେଉଟ ସଂପ୍ରଦାୟର ଲୋକମାନେ ବହୁ ଆଡମ୍ବର ସହ ପାଳନ କରିଥାନ୍ତି। ଏହି ଦିନ ଭଗବାନ ବରୁଣଙ୍କୁ ଧନ୍ୟବାଦ ଦେବା ପୂର୍ବକ ଏମାନେ ସମୁଦ୍ରକୁ ନଡିଆ ଅର୍ପଣ କରିଥାନ୍ତି।
- ଗୁଜୁରାଟରେ ଏହି ପର୍ବକୁ 'ପବିତ୍ରୋପଣ' ବୋଲି କୁହାଯାଏ। ଏହି ଦିନ ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ ବୋଲି ଏଠାରେ ବିଶ୍ୱାସ ରହିଛି। ଏହିଦିନ କଷ ଘାସ ଏବଂ ତୁଳାକୁ ଏକତ୍ର ଗୁନ୍ଥି ଏକ ଡୋରି ପ୍ରସ୍ତୁତ କରାଯାଏ। ଏହାପରେ ଏହି ଡୋରିକୁ ପଞ୍ଚଗବ୍ୟରେ ବୁଡାଇ ଶିବଲିଙ୍ଗରେ ବାନ୍ଧିବାର ପ୍ରଥା ରହିଛି।
- ପୂର୍ବ ଭାରତ ଅର୍ଥାତ ଓଡିଶା ଏବଂ ପଶ୍ଚିମବଙ୍ଗରେ ଏହାକୁ ଝୁଲଣ ଯାତ୍ରା ଭାବେ ମଧ୍ୟ ପାଳନ କରାଯାଏ। ସପ୍ତାହ ବ୍ୟାପି ପାଳନ କରାଯାଉଥିବା ଏହି ପର୍ବରେ ରାଧା କୃଷ୍ଣଙ୍କ ମୂର୍ତ୍ତିକୁ ଦୋଳିରେ ଝୁଲାଇ ପୂଜା କରାଯିବାର ପ୍ରଥା ରହିଛି।
- ଭାରତର ଦକ୍ଷିଣ ପ୍ରାନ୍ତରେ ଏହି ପର୍ବକୁ 'ଅବନି ଅଭିତ୍ତମ' ବୋଲି କୁହାଯାଏ। ଏହିଦିନ ଏଠାକାର ବ୍ରାହ୍ମଣ ସମ୍ପ୍ରଦାୟର ଲୋକେ ଜଳରେ ବୁଡ ନେବା ପରେ ନିଜର ପବିତ୍ର ପଇତା 'ଜନେୟୁ' କୁ ପରିବର୍ତ୍ତନ କରି ନୂଆ ଜନେୟୁ ଧାରଣ କରିଥାନ୍ତି। ଏହାଦ୍ୱାରା ପାପର ପ୍ରାୟଶ୍ଚିତ୍ତ ହେବା ସହ ନୂତନ ଭାବେ ଜୀବନ ଅତିବାହିତ କରିବାର ସଂକଳ୍ପ ନେଇଥାନ୍ତି।
- ମଧ୍ୟ ପ୍ରାନ୍ତ ଅର୍ଥାତ ମଧ୍ୟପ୍ରଦେଶ, ଛତିଶଗଡ, ଉତ୍ତରପ୍ରଦେଶ ଆଦି ଅଞ୍ଚଳରେ ଏହାକୁ 'କଜରୀ ପୂର୍ଣ୍ଣିମା' ଭାବେ ପାଳନ କରାଯାଏ। ଏଠାରେ ଏହି ପର୍ବକୁ ପରିବାରର ମଙ୍ଗଳ କାମନା ସହିତ ଭଲ ଫସଲ ହେବା ଉଦ୍ଦେଶ୍ୟରେ ମା' ଭଗବତୀଙ୍କୁ ପୂଜା କରାଯାଏ।

## ପାଠକୀୟ

- ଦେଶର ସଜାଗପ୍ରହରୀ ସାଜିଥିବା ବୀର ଯବାନମାନେ ପ୍ରତି ମୁହୂର୍ତ୍ତରେ କେବଳ ଗୋଳାବାରୁଦର ନିଆଁଗଦାରେ ଜୀବନ ଅତିବାହିତ କରିଥାନ୍ତି ତା'ନୁହେଁ ବରଂ ପ୍ରତିକୂଳ ପରିସ୍ଥିତିକୁ ଖାତିର ନ କରି ଆମ ପାଇଁ ସାଜିଥାନ୍ତି ସୁରକ୍ଷାକବଚ। ସେମିତି କେତେଜଣ ବୀର ଯବାନଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦପ୍ରସଙ୍ଗ 'ଜୟ ଯବାନ' ପାଠଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

  **-ବାବାଜୀ ଚରଣ ନାୟକ, ମମାଦୁଲା, ଦଶରଥପୁର, ଭଦ୍ରକ**

- ଏଥରର ମୁଖ୍ୟ ପ୍ରସଙ୍ଗ 'ଜୟ ଯବାନ' ଲେଖାରୁ ଯୁଦ୍ଧାହତ ସୈନିକମାନଙ୍କର ଚିକିତ୍ସା କରିଥିବା ମିଲିଟାରି ଡାକ୍ତରମାନଙ୍କ ସେବା କାହାଣୀ ପଢି ମୋତେ ବହୁତ ଖୁସି ଲାଗିଲା। ଫ୍ୟାଶନରେ ଟ୍ରାଇ କଲର ପାଠଟି ବି ମନଲାଖି ହୋଇପାରିଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଅଭିନେତ୍ରୀ 'ମୁମ୍‌ତାଜ୍'ଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ପାଇଲି।

  **-ଶ୍ରୀ ରାମଚନ୍ଦ୍ର ଦାଶ, ଗବକୁଣ୍ଡ, ପୁରୀ**

- 'ସ୍ୱପ୍ନ ଯାହା ଆଣି ଦେଇଥାଏ ସୌଭାଗ୍ୟ' ପାଠଟି ଏକ ଶିକ୍ଷଣୀୟ ବିଷୟ ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ବଙ୍କୁଲିବାଡ଼ି' ନାମକ ଗପଟି ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଓକିଲ ହେଲେ ତାପସୀ', 'ରାଣୀ ହିଁ ବେଷ୍ଟ' ଏବଂ 'ମ୍ୟାରେଜ ପରେ ଆକ୍ଟିଂ କରିପାରେ ଅତ୍ତୁଆ' ଆଦି ପାଠ ମୋ ମନକୁ ବେଶ୍ ଛୁଇଁଥିଲା।

  **-ରଘୁବୀର ପତି, ଝାରସୁଗୁଡ଼ା**

- ଭାରତୀୟ ସେନା ବିଭାଗରେ କ୍ୟାପ୍‌ଟେନ୍ ଭାବେ କାର୍ଯ୍ୟରତ ଅମିତ୍ କୁମାର ସାହୁଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମନଛୁଆଁ ହୋଇଥିଲା। 'ଖଦିରେ ସେଲିବ୍ରିଟି' ପାଠଟିରୁ ସେଲିବ୍ରିଟିମାନଙ୍କର ଖଦି ଫ୍ୟାଶନ ସମ୍ପର୍କରେ ଅନେକ କିଛି ଜାଣିବାକୁ ମିଳିଲା। ମଡେଲ ମିରର୍‌ରେ ଯସ୍ମିନ୍ ବେଶ୍ ସୁନ୍ଦରୀ ଲାଗୁଥିଲେ।

  **-ଏସ୍.କେ.ସାହୁ, ଭବାନୀପାଟଣା**

## ବିଶେଷ ଚିଠି




ଧରିତ୍ରୀର ଏଥର ଛୁଟିଦିନ
ଆଣିଥିଲା ପ୍ରସଙ୍ଗ 'ଜୟ ଯବାନ',
ପଢି ହେଲା ଜାଣି
ଦୁଃଖ କଷ୍ଟ ସହି ପୁଣି।
ମାତୃଭୂମି ପାଇଁ ଧରି ଜିଦ୍
ହୋଇଛନ୍ତି କେତେ ଯେ ସହିଦ୍,
ଅମର ଯବାନଙ୍କୁ ହୃଦୟରୁ ପ୍ରଣାମ
ଧରିତ୍ରୀକୁ ମୋର ସ୍ୱତନ୍ତ୍ର ପ୍ରେମ।

**-ସୁନିଲ୍ କୁମାର ବେହେରା, ମନ୍ଦାରୀ, ବାସୁଦେବପୁର, ଭଦ୍ରକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଭଉଣୀ ଭାଇ


## ଦୁହେଁ ଦୁହିଁଙ୍କ ପାଇଁ





ଭଉଣୀଭାଇର ସମ୍ପର୍କ ଯେତିକି ଆପଣାର ସେତିକି ଗଭୀର । ଏଥିରେ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଯେମିତି ଥାଏ, ମିଠାମିଠା ମାନ ଅଭିମାନ ବି ସେମିତି ଥାଏ । ମା'ବାପାଙ୍କ ପାଖେ ଥିଲେ ଛୋଟ ଛୋଟ କଥାରେ ଏମାନେ ଅଝଟ ହୁଅନ୍ତି । ଆଉ ପରିସ୍ଥିତିରେ ପଡିଲେ ଭଉଣୀଭାଇ, ଦୁହେଁ ଦୁହିଁଙ୍କ ପାଇଁ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ପରସ୍ପରର ସାହାଭରସା ସାଜିଥାନ୍ତି...

ଦୁନିଆରେ ସବୁଠୁ ନିଆରା ହେଉଛି ଭଉଣୀଭାଇର ସମ୍ପର୍କ। କାରଣ ଏଥିରେ ନିବିଡତା ଯେତିକି ଥାଏ, ମିଠା ମିଠା ରାଗରୁଷା ବି ସେତିକି ଥାଏ। ମା'ବାପାଙ୍କ ଆଖିର ନୟନପିତୁଳା ସାଜିଥିବା ଏହି ଭଉଣୀଭାଇ ବେଳେବେଳେ ସେମାନଙ୍କ ସ୍ନେହମମତାକୁ ନେଇ ବାଦ କରନ୍ତି। କିଏ କହେ, ମୋତେ ବାପା ବେଶି ଭଲ ପାଉଛନ୍ତି ତ ଆଉ କିଏ କହେ ମୁଁ ମା'ଙ୍କର ବେଶି ଗେହ୍ଲା। ଏ କଥାରେ ମାନ ଅଭିମାନ ହୁଏ ସତ, କିନ୍ତୁ ସେଥିରେ ତିକ୍ତତା ନ ଥାଏ। ସେଥିପାଇଁ ତ ଏହି ସମ୍ପର୍କ ସେତିକି ମିଠା ଆଉ ସେତିକି ଆପଣାର ଲାଗେ। କିନ୍ତୁ ସବୁ ଭଉଣୀଭାଇଙ୍କ ଭାଗ୍ୟରେ ମା'ବାପାଙ୍କର ସ୍ନେହ ଲେଖା ନ ଥାଏ। କାରଣ ବିଧି ସେମାନଙ୍କ କପାଳରେ ମା'ବାପା ଛେଉଣ୍ଡ ହେବାର କରୁଣ ଦୁଃଖ ଲେଖି ଦେଇଥାଏ। ଏଭଳି ପରିସ୍ଥିତିରେ ସେହି ଭଉଣୀଭାଇ ପରସ୍ପରର ସାହାଭରସା ହୋଇ ଚଳିଥାନ୍ତି...



### ଭଉଣୀ ପାଇଁ ଦିନ ବିତୁଛି

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକା ପଞ୍ଚାୟତର ଜୁଆଙ୍ଗ ଜନଜାତି ଅଧ୍ୟୁଷିତ ଜନ୍ତାରୀ ଗ୍ରାମର ବାସିନ୍ଦା ଅନ୍ଧାରୁ ଜୁଆଙ୍ଗ। ତାଙ୍କ ସାନଭଉଣୀ ହେଲେ ଦୂର ଜୁଆଙ୍ଗ। ଖୁବ୍ କମ୍ ବୟସରେ ସେମାନେ ବାପାମା' ଛେଉଣ୍ଡ ହୋଇଯାଇଥିଲେ। ଫଳରେ ଖେଳକୁଦ ବୟସରେ ସାନ ଭଉଣୀକୁ ନେଇ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ଲାଗିଲେ ଅନ୍ଧାରୁ। ମୂଲମଜୁରି କରି, ମେଣ୍ଢାଛେଳି ଚରାଇ ସେ ଯାହା ରୋଜଗାର କଲେ, ସେଥିରେ ଭଉଣୀଭାଇ ଦୁହେଁ ଦୁଇଓଳି ଦୁଇମୁଠା ଖାଇଲେ। ଅଭାବ ଅନଟନ ଭିତରେ ରହିଲେ ବି ଭଉଣୀ ଆଖିରେ କେବେ ଲୁହ ଦେଇ ନ ଥିଲେ ଅନ୍ଧାରୁ। ବାପା, ମା'ର ସ୍ନେହ ଦେଇ ଭଉଣୀକୁ ବଡ଼ କରାଉଥିଲେ। ଭଉଣୀ ଦୂର ବି ଟିକେ ଜାଣିବାର ହୋଇଗଲା ପରେ ବିଲବାଡିରେ କାମ କରି ଭାଇକୁ ସାହାଯ୍ୟ କରିବାକୁ ଲାଗିଲେ। କିନ୍ତୁ ହଠାତ୍ ସେମାନଙ୍କ ହସଖୁସିର ସଂସାରକୁ କାହାର ନଜର ଲାଗିଗଲା। ଭଉଣୀ ଦୂର ବାତ ରୋଗରେ ଆକ୍ରାନ୍ତ ହେଲେ। ଏହି ରୋଗର ପ୍ରଭାବରେ ତାଙ୍କ ଗୋଡ ଦୁର୍ବଳ ହୋଇଯିବାକୁ ଲାଗିଲା। ଚଳାବୁଲା କରିବାରେ ସମସ୍ୟା ଦେଖାଦେଲା। ଅନ୍ଧାରୁ ନିଜର ସମ୍ବଳ ମୁତାବକ ଭଉଣୀର ଚିକିତ୍ସା କରାଇଥିଲେ ମଧ୍ୟ ରୋଗ ଭଲ ହେଲା ନାହିଁ। ବରଂ ଧୀରେ ଧୀରେ ଗୋଡ ଦୁଇଟି ପତଳା ହୋଇଯିବାରୁ ସେ ଆଉ ଚଲାବୁଲା କରିପାରିଲେ ନାହିଁ। ବାଡି ଖଣ୍ଡେ ତାଙ୍କର ଚିରଦିନର ସାହାରା ପାଲଟିଗଲା। ଭଉଣୀର ଏଭଳି ଅବସ୍ଥାରେ ତା'ର ଦେଖାଚାହାଁ କରିବାକୁ ଘରେ ଜଣେ ସ୍ତ୍ରୀଲୋକ ରହିବା ନିହାତି ଜରୁରୀ ଭାବି ଅନ୍ଧାରୁ ଶେଷରେ ବିବାହ କଲେ। ଅନ୍ଧାରୁଙ୍କ ସ୍ତ୍ରୀ ବି ଦୂରଙ୍କର ଖୁବ୍ ଭଲ ଭାବେ ଦେଖାଚାହାଁ କଲେ। ୟା' ଭିତରେ ଅନ୍ଧାରୁଙ୍କର ୫ଟି ପୁଅଝିଅ ହୋଇସାରିଲେଣି। ତଥାପି ସେ ଭଉଣୀ ଦୂରକୁ ନିଜର ଝିଅ ଭଳି ସ୍ନେହାଦର କରି ତା'ର ଦେଖାଚାହାଁ କରୁଛନ୍ତି ଆଉ ଦୂର ବି ଭାଇଙ୍କୁ ତା'ର ସବୁକିଛି ଭାବି ଦିନ ବିତାଇ ଚାଲିଛନ୍ତି। ସେମାନଙ୍କର ଏହି ସ୍ନେହଭରା ସମ୍ପର୍କକୁ ଦେଖି ଗାଁଲୋକେ ମଧ୍ୟ ବହୁ ପ୍ରଶଂସା କରୁଛନ୍ତି। ତେବେ ପୁରୁଣା କଥାକୁ ମନେପକାଇ ଅନ୍ଧାରୁ କୁହନ୍ତି, ବାପାମା'ଙ୍କ ଦେହାନ୍ତ ପରେ ଦୂରର ସବୁ ଅଳିଅର୍ଦ୍ଦଳି ସହୁଥିଲି। ସେ ଯେବେ କହୁଥିଲା ତାକୁ ହାଟବଜାର, ଯାତ୍ରା, ମେଳା ଦେଖାଇବାକୁ ନେଇଯାଉଥିଲି। ସେ ଯାହା ଚାହୁଁ ଥିଲା ସମ୍ବଳ ମୁତାବକ ତାକୁ କିଣି ଦେଉଥିଲି। ହେଲେ ତା'ର ଏପରି ଅବସ୍ଥାକୁ ଦେଖି ଏବେ ମୋତେ ବହୁତ କଷ୍ଟ ଲାଗୁଛି। ଭଗବାନ ତା' ପାଇଁ ଏତେ ନିଷ୍ଠୁର ହେଲେ କାହିଁକି ସେ କଥା ମୁଁ ନିଜେ ବି ବୁଝିପାରୁନି। ଏବେ ଅର୍ଥାଭାବ ଯୋଗୁ ତା'ର ସବୁ ଆବଶ୍ୟକତାକୁ ପୂରଣ କରିପାରୁ ନ ଥିବାରୁ ମୋତେ ବହୁତ ଦୁଃଖ ମଧ୍ୟ ଲାଗୁଛି। ତଥାପି ଆଶା ବାନ୍ଧିଛି ଆଉ ପ୍ରତି ମୁହୂର୍ତ୍ତରେ ତାକୁ ସାହସ ବି ଦେଉଛି, ସବୁକିଛି ପୁଣି ଠିକ୍ ହୋଇଯିବ ବୋଲି।

### ଭାଇମାନଙ୍କ ଭବିଷ୍ୟତ ପାଇଁ ବାହା ହେଲେନି ଦୁଇ ଭଉଣୀ

ଭଦ୍ରକ ସହର ଅଧୀନ ଜଗନ୍ନାଥପୁର ଗାଁର ରାଧାଗୋବିନ୍ଦ ଓ ଅନୁସୟା ମିଶ୍ରଙ୍କର ଥିଲେ ୬ ଝିଅ ଓ ୨ ପୁଅ। ଝିଅମାନେ ଥିଲେ ବଡ଼ ଓ ପୁଅ ଦୁଇଜଣ ଥିଲେ ସବା ସାନ। ଦୁଇ ପୁଅଙ୍କ ଭିତରୁ ବଡ଼ପୁଅ ଦୀପକଙ୍କୁ ଯେତେବେଳେ ୨୨ ବର୍ଷ ଆଉ ସାନପୁଅ ରୂପକଙ୍କୁ ୨୦ ବର୍ଷ ହୋଇଥିଲା ଅନୁସୟାଙ୍କର ଅକାଳବିୟୋଗ ହେଲା। ତାଙ୍କ ମୃତ୍ୟୁର କିଛିବର୍ଷ ପରେ ସ୍ୱାମୀ ରାଧାଗୋବିନ୍ଦଙ୍କର ମଧ୍ୟ ଦେହାନ୍ତ ହେଲା। ପ୍ରଥମେ ମା' ତା'ପରେ ବାପା ଆରପାରିକୁ ଚାଲିଯିବା ପରେ ଚଡ଼କ ପଡିଥିଲା ଏହି ପରିବାର ଉପରେ। ଅବଶ୍ୟ ସେତେବେଳକୁ ବଡ଼ ଚାରି ଭଉଣୀଙ୍କର ବାହାଘର ହୋଇସାରିଥାଏ। ଅନ୍ୟ ଦୁଇ ଭଉଣୀ ବାହା ନ ହୋଇ ଘରେଥାନ୍ତି, କିନ୍ତୁ ସେମାନେ ସ୍ୱାବଲମ୍ବୀ ହୋଇସାରିଥାନ୍ତି। ସେହି ଦୁଇ ଭଉଣୀଙ୍କ ମଧ୍ୟରୁ ବଡ଼ ଭଉଣୀ ବନ୍ଦନା ସ୍ୱାସ୍ଥ୍ୟ ବିଭାଗରେ ଏଏନ୍ଏମ୍ ଆଉ ସାନ ଭଉଣୀ ଅଞ୍ଜନା ଏକ ବ୍ୟୁଟିପାର୍ଲର୍‌ରେ କାମ କରୁଥାନ୍ତି। ସାନଭାଇ ଦୁଇଜଣ ରୋଜଗାରକ୍ଷମ ହୋଇ ନ ଥିବାରୁ ଏହି ଦୁଇ ଭଉଣୀ ପରିବାରର ସବୁ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ। ଏପରି କି ଭାଇମାନଙ୍କର ଭବିଷ୍ୟତ ପାଇଁ →


ପାର୍ବତୀ–ଭଗବତୀ


ସାନ ଭଉଣୀ ଝରଣା ସହ ରଘୁନାଥ

ସେମାନେ ବିବାହ ନ କରିବାକୁ ମଧ୍ୟ ମନସ୍ଥ କରିନେଲେ। ଯା' ଭିତରେ ବନ୍ଦନାଙ୍କୁ ୫୪ ଏବଂ ଅଞ୍ଜନାଙ୍କୁ ୫୦ ବର୍ଷ ବୟସ ହୋଇସାରିଲାଣି। ଆଜିଯାଏଁ ଭାଇମାନଙ୍କ ପାଖେ ଛାଇ ଭଳି ରହିଆସିଛନ୍ତି ଏହି ଦୁଇ ଭଉଣୀ। ଭାଇମାନଙ୍କୁ ଖୁବ୍ ସ୍ନେହମମତା ଦେଇ ବଢାଇଛନ୍ତି। ଦୁଇ ଭାଇଙ୍କୁ କେବେ ବି ବାପାମା' ଛେଉଣ୍ଡ ହେବାର ଅନୁଭବ କରାଇ ଦେଇନାହାନ୍ତି ଭଉଣୀ ଦୁହେଁ। ଯଦିଓ ଅନ୍ୟ ସମସ୍ତ ଭଉଣୀ ଏହି ଦୁଇ ଭାଇଙ୍କୁ ସ୍ନେହ କରନ୍ତି ତଥାପି ବନ୍ଦନା ଓ ଅଞ୍ଜନାଙ୍କ ସ୍ନେହ ସେମାନଙ୍କଠାରୁ ଟିକେ ନିଆରା ଥାଏ। ଏବେ ଦୀପକଙ୍କୁ ୪୨ ବର୍ଷ ଆଉ ତାଙ୍କର ଏଇ ନିକଟରେ ବାହାଘର ହୋଇସାରିଛି। ଦୀପକ ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ସାନ ଭାଇ ରୂପକ ଠିକାଦାରି କରୁଛନ୍ତି।

## ଭଉଣୀ ପରେ ଭାଇ ନେଲେ ପରିବାରର ଦାୟିତ୍ୱ

ଯାଜପୁର ଜିଲା ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ଗ୍ରାମପଞ୍ଚାୟତର କୁଡୁମୀସାହିରେ ରହୁଥିଲେ କୃଷ୍ଣ ଦାସ ଓ ସ୍ତ୍ରୀ ଶାନ୍ତି। ୨୦୧୦ ମସିହାରେ ସେମାନେ କାରଖାନାରୁ ଶ୍ରମିକ କାମସାରି ଫେରୁଥିବା ସମୟରେ ହଠାତ୍ କୃଷ୍ଣଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଗଲା। କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ତାଙ୍କୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହେଲା। ମୃତ୍ୟୁ ବେଳକୁ କୃଷ୍ଣଙ୍କୁ ମାତ୍ର ୪୦ ବର୍ଷ ବୟସ ହୋଇଥାଏ। ସ୍ୱାମୀଙ୍କ ମୃତ୍ୟୁର ୬ମାସ ପରେ ସ୍ତ୍ରୀ ଶାନ୍ତି ମଧ୍ୟ ଆରପାରିକୁ ଚାଲିଗଲେ। ଅନାଥ ହୋଇଗଲେ ତାଙ୍କର ୪ ପୁଅଝିଅ। ବଡ଼ଝିଅ ସରିତାଙ୍କୁ ସେତେବେଳେ ମାତ୍ର ୧୫ ବର୍ଷ ହୋଇଥାଏ। ତା'ତଳକୁ ଭାଇ ରଘୁନାଥଙ୍କୁ ୧୦ ବର୍ଷ, ଭଉଣୀ ମିତାଙ୍କୁ ୭ ବର୍ଷ ଏବଂ ସବା ସାନ ଭଉଣୀ ଝରଣାଙ୍କୁ ମାତ୍ର ୫ ବର୍ଷ ବୟସ ହୋଇଥାଏ। ଘରର ବଡ଼ଝିଅ ହୋଇଥିବାରୁ ସାନ ଭାଇଭଉଣୀ ଓ ପରିବାରର ସମସ୍ତ ଦାୟିତ୍ୱ ସରିତା ନିଜ କାନ୍ଧକୁ ନେଇଥିଲେ। ମାତ୍ର ୪ର୍ଥ ଶ୍ରେଣୀ ଯାଏଁ ପଢିଥିବା ସରିତା ସ୍ଥାନୀୟ ଏକ ଭିସା ଷ୍ଟିଲ୍ କମ୍ପାନୀରେ ସୁଇପର୍ କାମ କରି ଭଉଣୀଭାଇଙ୍କୁ ପଢାଇଥିଲେ। ସେମାନେ ବି ପାଠପଢି ଭଲ ମଣିଷ ହୋଇ ସମାଜରେ ନାଁ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆର୍ଥିକ ଅନଟନ ସେମାନଙ୍କ ସ୍ୱପ୍ନକୁ ସ୍ୱପ୍ନରେ ହିଁ ରଖିଦେଲା। ଭାଇ ରଘୁନାଥ ଆଇଟିଆଇ ପଢୁଥିଲେ ହେଁ ଅଭାବ ଯୋଗୁ ପାଠ ସମ୍ପୂର୍ଣ୍ଣ କରିପାରିଲେ ନାହିଁ। ସେହିପରି ସାନ ଦୁଇଭଉଣୀ ମଧ୍ୟ ମାଟ୍ରିକ୍ ପାସ୍ କରିବା ପରେ ଆଉ ପଢିପାରିଲେ ନାହିଁ। ଏହାପରେ ସରିତାଙ୍କ ବାହାଘର ହେଲା। ତା'ପରେ ପରିବାରର ଦାୟିତ୍ୱ ପଡିଲା ଭାଇ ରଘୁନାଥଙ୍କ ଉପରେ। ସରିତା ଯେମିତି ସ୍ନେହର ଡୋରିରେ ପରିବାରକୁ ବାନ୍ଧି ରଖିଥିଲେ, ରଘୁନାଥ ବି ସେମିତି କଲେ। ବର୍ତ୍ତମାନ ରଘୁନାଥ ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରି ଯାହା ରୋଜଗାର କରୁଛନ୍ତି, ସେଥିରେ ପରିବାର ଚଳୁଛି। ବେଳେବେଳେ ମଝିଆ ଭଉଣୀ ମୀତା ବି କୁଲିମଜୁରି କରି ଭାଇଙ୍କୁ ସାହାଯ୍ୟ କରୁଛନ୍ତି। ବଡ଼ ଭଉଣୀ ସରିତା ମଧ୍ୟ ମଝିରେ ମଝିରେ ଆସି ଭାଇଭଉଣୀଙ୍କ କଥା ବୁଝି ଯାଉଛନ୍ତି। ଏଯାଏଁ ରଘୁନାଥଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଥରେ ମାଗଣାରେ ବିଦ୍ୟୁତ୍ ସଂଯୋଗ ହୋଇଥିଲା। କିନ୍ତୁ ୨ ହଜାର ଟଙ୍କା ଇଲେକ୍ଟ୍ରିକ ବିଲ୍ ଆସିବାରୁ ବିଦ୍ୟୁତ୍ ସଂଯୋଗକୁ କାଟି ଦିଆଗଲା। ଫଳରେ କିରୋସିନ, ଡିବିରି ଆଲୁଅ ଏବେ ସେମାନଙ୍କ ଭରସା ସାଜିଛି। ଏତେ ଅଭାବ ଅନଟନ ଭିତରେ ଥାଇ ବି ଭାଇଭଉଣୀଙ୍କ ଭିତରେ ଅନାବିଳ ସ୍ନେହ ଭରି ରହିଛି। ସେମାନଙ୍କ ଭିତରେ ଥିବା ଏହି ସ୍ନେହର ଡୋରି ଏମିତି ଯୁଗଯୁଗକୁ ରହିଥାଉ ଏତିକି ହିଁ ଆମର କାମନା।

## ଭାଇମାନଙ୍କ ଭବିଷ୍ୟତ ପାଇଁ ଅଧାରୁ ପାଠ ଛାଡିଲେ ଭଉଣୀ

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ଗାଁର ସାହୁ ସାହିରେ ରବୀନ୍ଦ୍ର ସାହୁଙ୍କ ଘର। ସେ ଜଣେ ଟେଲରିଂ ମାଷ୍ଟର। ଆଜକୁ ପ୍ରାୟ ୧୦ ବର୍ଷ ତଳେ ହଠାତ୍ ତାଙ୍କ ସ୍ତ୍ରୀଙ୍କର ଦେହାନ୍ତ ହୋଇଗଲା। ମା' ଛେଉଣ୍ଡ ହୋଇଗଲେ ତାଙ୍କର ତିନି ଝିଅ ଓ ଦୁଇ ପୁଅ। ମା' ମରିବା ପରେ ବଡ଼ ଝିଅ ଲକ୍ଷ୍ମୀ ପରିବାରର ସମସ୍ତ ଦାୟିତ୍ୱ ହାତକୁ ନେଇଥିଲେ। ପାଠପଢା ଅଧାରୁ ଛାଡି ରୋଷେଇବାସ କରି ଭଉଣୀଭାଇଙ୍କୁ ଖାଇବାକୁ ଦେବାଠାରୁ ଆରମ୍ଭ କରି ଘରର ସବୁ କାମ ସେ କଲେ। କେବଳ ସେତିକି ନୁହେଁ ମଝିରେ ମଝିରେ ବାପାଙ୍କୁ ଟେଲରିଂରେ ସାହାଯ୍ୟ ବି କରୁଥିଲେ। ଏଥିରୁ ଯାହା ରୋଜଗାର ହେଉଥିଲା ସେଥିରେ ସେମାନଙ୍କ ତେଲଲୁଣ ସଂସାର କଷ୍ଟେମଷ୍ଟେ ଚଳୁଥିଲା। ଅନ୍ୟ ୪ ପିଲାଙ୍କୁ ପଢାଇବା ସହ କିଛି ପଇସା ସଞ୍ଚୟ କରି ରବୀନ୍ଦ୍ର ବଡ଼ଝିଅ ଲକ୍ଷ୍ମୀର ବାହାଘର ମଧ୍ୟ କରାଇଥିଲେ। ବଡ଼ ଭଉଣୀର ବାହାଘର ପରେ ଘରର ସବୁ ଦାୟିତ୍ୱ ମଝିଆ ଭଉଣୀ ପାର୍ବତୀଙ୍କ ଉପରେ ପଡିଲା। ସେତେବେଳେ ପାର୍ବତୀ ଅଷ୍ଟମ ଶ୍ରେଣୀରେ ପଢୁଥାନ୍ତି। ପାଠପଢା ତାଙ୍କର ସେତିକିରେ ବନ୍ଦ ହେଲା। ଘରର ସବୁ ଦାୟିତ୍ୱ ସେ ତୁଲାଇଲେ। ବାପା ଯାହା ରୋଜଗାର କରି ଆଣି ଦେଲେ, ସେଥିରେ ସେ ପନିପରିବା, ସଉଦା କିଣିବାଠାରୁ ସବୁ ଭଲମନ୍ଦ କଥା ଆଜିଯାଏଁ ବୁଝିଆସୁଛନ୍ତି। ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ

ଯା' ଭିତରେ ତାଙ୍କ ବଡ଼ ଭାଇ ଅର୍ଜୁନ ଦଶମ ପଢା ପରେ ଆଉ ନ ପଢି ଦୁବାଇରେ ଯାଇ କାମ କରୁଛନ୍ତି। ତା' ସାଙ୍ଗକୁ ସାନଭାଇ ନକୁଳ ବି ଅଧାରୁ ପାଠଛାଡି ବେଙ୍ଗାଲୁରୁରେ ଯାଇ କାମ କରୁଛନ୍ତି। ଆଉ ସବା ସାନ ଭଉଣୀ ଭଗବତୀ ଏବେ ନବମ ଶ୍ରେଣୀରେ ପଢୁଛନ୍ତି। ଭଗବତୀ ବି ପାର୍ବତୀଙ୍କୁ ଘରକାମରେ ବେଳେବେଳେ ସାହାଯ୍ୟ କରିଥାନ୍ତି। ଅନ୍ୟପକ୍ଷେ ବଡ଼ ଭଉଣୀ ଲକ୍ଷ୍ମୀ ମଧ୍ୟ ମଝିରେ ମଝିରେ ଆସି ଘରର ଭଲମନ୍ଦ କଥା ବୁଝିଯାଇଥାନ୍ତି। ଭାଇମାନେ ବିଦେଶରେ ଥିବାରୁ ଏହି ତିନି ଭଉଣୀ ସବୁବେଳେ ତାଙ୍କର ଶୁଭମନାସି ଠାକୁରଙ୍କ ପାଖେ ଦୀପ ଜାଳିଥାନ୍ତି। ଭଗବାନ କରନ୍ତୁ ସେମାନଙ୍କ ସମ୍ପର୍କ ଚିରଦିନ ଏମିତି ଅତୁଟ ରହିଥାଉ।


ଶ୍ରୁତି–ଶୁକ୍ରା

## କୋମଳ ବୟସରେ ବି ଭଉଣୀଭାଇ ପରସ୍ପରର ସାହାଭରସା

ମାଲକାନଗିରି ସଦର ମହାକୁମାସ୍ଥିତ ନୂଆଗୁଡ଼ା ଅଞ୍ଚଳର ଦୁଇ କୋମଳମତି ଭାଇଭଉଣୀ ହେଲେ ଶୁକ୍ରା କଟିମ ଓ ଶ୍ରୁତି କଟିମ। ଭାଇ ଶୁକ୍ରାକୁ ନଅ ବର୍ଷ ଚାଲିଥିବାବେଳେ ଭଉଣୀ ଶ୍ରୁତିକୁ ଏବେ ମାତ୍ର ୭ବର୍ଷ। ଆଜକୁ ପ୍ରାୟ ୧୦ ବର୍ଷ ତଳେ ଏମାନଙ୍କ ବାପାମା' ପରସ୍ପରକୁ ପ୍ରେମବିବାହ କରିଥିଲେ। ପରିବାର ବେଶ୍ ହସଖୁସିରେ ଆଗେଇଥିଲା। କ୍ରମେ ସେମାନଙ୍କ କୋଳକୁ ଶୁକ୍ରା ଓ ଶ୍ରୁତି ନାମରେ ଦୁଇ ପୁଅଝିଅ ଆସିଲେ। କିନ୍ତୁ ହଠାତ୍ ସେମାନଙ୍କ ଖୁସିର ସଂସାରକୁ କାହାର ନଜର ଲାଗିଗଲା। ଗତ ତିନିବର୍ଷ ପୂର୍ବେ ପିଲାଦୁହିଁଙ୍କର ମା' ଅନ୍ୟ ଜଣେ ପୁରୁଷଙ୍କ ସହ ପ୍ରେମସମ୍ପର୍କ ରଖି ତାଙ୍କୁ ବିବାହ କରି ଅନ୍ୟତ୍ର ଯାଇ ରହିଲେ। ଏତିକିରେ ସେମାନଙ୍କ ଦୁଃଖ ସରି ନ ଥିଲା। ଏହାପରେ ତାଙ୍କ ବାପା ମଧ୍ୟ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ଘର ଛାଡି ପଳାଇଲେ। କ୍ଷଣିକ ମଧ୍ୟରେ ବାପାମା' ଥାଇ ବି ଅନାଥ ହୋଇଗଲେ ଶୁକ୍ରା ଓ ଶ୍ରୁତି। ଏତେ ବଡ଼ ଦୁନିଆରେ ସେମାନଙ୍କ ସାହାଭରସା କହିଲେ କେବଳ ଜଣେ ଥିଲେ, ସେ ହେଲେ ତାଙ୍କର ଜେଜେମା' ମଙ୍ଗୁଳି କଟିମ। ପୁଅବୋହୂ ଘରଛାଡି ଯିବା ପରେ ନାତିନାତୁଣୀଙ୍କର ଦାୟିତ୍ୱ ନେବାକୁ ପରିଣତ ବୟସରେ ପଦାକୁ ଗୋଡ କାଢିଥିଲେ ସେ। ପରଘରେ ପାଇଟି କରି ଯାହା ରୋଜଗାର କଲେ, ସେଥିରେ ନାତିନାତୁଣୀଙ୍କୁ ଖାଇବାକୁ ଦେଲେ। ଜେଜେମା' ସହିତ ବେଳେବେଳେ ପିଲାଦୁଇଟି ବି ପରଘରକୁ ଯାଇ ଜେଜେମା'ଙ୍କୁ କାମରେ ସାହାଯ୍ୟ କରୁଥିଲେ। ଏତେ କମ୍ ବୟସରେ ବି ଭାଇଭଉଣୀ ଦୁହେଁ ଘରର ପରିସ୍ଥିତି କଥା ଚିନ୍ତା କରି ଜେଜେମା' ପାଖେ କୌଣସି କଥାକୁ ନେଇ ଆଦୌ ଅଝଟ କରୁ ନ ଥିଲେ। ସେମାନଙ୍କର ଏପରି ପରିସ୍ଥିତି ବିଷୟରେ ଜିଲା ଶିଶୁ ସୁରକ୍ଷା ସଂସ୍ଥା ଅବଗତ ହେବା ପରେ ଏଇ କିଛିଦିନ ହେବ ଭଉଣୀଭାଇଙ୍କୁ ଉଦ୍ଧାର କରାଯାଇ ମାଲକାନଗିରି ସଦର ମହକୁମାର ବୁଟିଗୁଡା ପ୍ରାଥମିକ ଆବାସିକ ବିଦ୍ୟାଳୟରେ ଛଡାଯାଇଛି। ବିଦ୍ୟାଳୟର ଛାତ୍ରୀନିବାସରେ ଭଉଣୀ ରହୁଥିବାବେଳେ ଭାଇ ଛାତ୍ରନିବାସରେ ରହି ପଢୁଛନ୍ତି। ଘରଠାରୁ ଦୂରରେ ରହୁଥିବାରୁ ଭଲରେ ମନ୍ଦରେ ଭଉଣୀଭାଇ ଏବେ ପରସ୍ପରର ସାହାରା ହୋଇ ଚଳୁଛନ୍ତି। ଏତେ କମ୍ ବୟସରେ ବି ସେ ଦୁହେଁ ପରସ୍ପରର ଦୁଃଖ ବୁଝି ପାରୁଛନ୍ତି ଆଉ ଉଭୟ ଉଭୟଙ୍କୁ ସାନ୍ତ୍ୱନା ଦେଇପାରୁଛନ୍ତି, ଯାହାକୁ ଦେଖିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ।


ଦୁଇ ଭାଇଙ୍କ ସହ ବନ୍ଦନା–ଅଞ୍ଜନା


ଅନ୍ଧାରୁ–ଦୁରୁ

ଏଠାରେ ଯେଉଁ ଭଉଣୀଭାଇଙ୍କ କଥା କୁହାଗଲା, ସତରେ ଏ ସମାଜ ପାଇଁ ସେମାନେ ଜଣେ ଜଣେ ଉଦାହରଣ। କାରଣ ପ୍ରତିକୂଳ ପରିସ୍ଥିତିରେ ପଡି ଭାଇଟିଏ ହୋଇ ଭଉଣୀର ଭଲ ପାଇଁ କିମ୍ବା ଭଉଣୀଟିଏ ହୋଇ ଭାଇର ମଙ୍ଗଳ ଲାଗି ସେମାନେ ଯାହା ତ୍ୟାଗ କରିଛନ୍ତି କିମ୍ବା କଷ୍ଟ ସହିଛନ୍ତି, ତାହା କ'ଣ ସମସ୍ତଙ୍କ ଦ୍ୱାରା ସମ୍ଭବ ହୋଇପାରେ।

**–ଅନ୍ୱିତା**

***–ନରେଶ ଚନ୍ଦ୍ର ପଟ୍ଟନାୟକ, ବିଭୁପ୍ରସାଦ ବେହେରା, ହର୍ଷବର୍ଦ୍ଧନ ବେହେରା, ଶୁଭାଶିଷ ରାଉତ, ଭାସ୍କର ରାଉତରାୟ, ଦୁର୍ଯ୍ୟୋଧନ ପାତ୍ର***

# ରାଖୀ ଲୁକ୍





**ଟ୍ରାଡିଶନାଲ ଆଉଟ୍‌ଫିଟ୍ ବେଷ୍ଟ**

ଭାଇ-ଭଉଣୀଙ୍କ ଭଲପାଇବାର ଏଇ ପର୍ବ ବେଶ୍ ପବିତ୍ର। ତେଣୁ ଏହି ଅବସରରେ ଟ୍ରାଡିଶନାଲ୍ ବା ପାରମ୍ପରିକ ପୋଷାକ ଭଲ ଲାଗେ। ଆଉ ତାହା ଗାଢ ଓ ଉଜ୍ଜ୍ୱଳ ରଙ୍ଗ, ଯେମିତି କି ରୟାଲ୍ ବ୍ଲୁ, ପ୍ୟାରଟ୍ ଗ୍ରୀନ୍, ମେରୁନ୍, ଲାଲ, ଗୋଲାପି ଆଦି ହୋଇଥିଲେ ଭଲ। ଏହିଦିନ ପାଇଁ ବ୍ରାଇଟ୍ କଲର୍‌ର କୁର୍ତ୍ତି ତା'ସହ ଚୁଡିଦାର ଓ ବାନ୍ଧନୀ ଦୁପଟ୍ଟା ଟ୍ରାଏ କରିପାରିବେ। ତା'ସହ କାନରେ ବଡ ଝୁମ୍‌କି ଓ ଲାଇଟ୍ ମେକ୍‌ଅପ୍ ଭଲ ଲାଗିବ। ଏହା ବ୍ୟତୀତ ଅନାରକଲି ସୁଟ୍, ଲେହେଙ୍ଗା ଚୋଲି, ଶାଢି, ଅନାରକଲି ଲେହେଙ୍ଗା, କୋଲ୍ଡ ସୋଲ୍ଡର୍ କଲାର୍‌ଡ ଜ୍ୟାକେଟ୍ ଷ୍ଟାଇଲ୍ ଅନାରକଲି ସହ ଲେହେଙ୍ଗା ଆଦି ଆଉଟ୍‌ଫିଟ୍‌କୁ ବି ଟ୍ରାଏ କରିପାରିବେ।

**ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ**

ଚାହିଁଲେ ଇଣ୍ଡୋ-ୱେଷ୍ଟର୍ନ ଆଟାୟର୍‌ର ଫ୍ୟୁଜନ୍ ବି ଟ୍ରାଏ କରିପାରିବେ। କେପ୍ ସାଲୱାର କମିଜ୍ ଏଥି ମଧ୍ୟରେ ଅନ୍ୟତମ। ଏହା ଅଧିକ ହେଭି ହୋଇ ନ ଥାଏ। ତା'ସହ ଏହା ଉଭୟ ଟ୍ରେଣ୍ଡି ଓ ଟ୍ରାଡିଶନାଲ ଲୁକ୍ ଦିଏ।

**ଲଙ୍ଗ ସ୍କର୍ଟ-ବ୍ଲାଉଜ୍**

ଆଜିକାଲି ସିମ୍ପଲଠୁ ଆରମ୍ଭ କରି ହେଭି ୱାର୍କର ଲଙ୍ଗ ସ୍କର୍ଟ-ବ୍ଲାଉଜ୍ ଉପଲବ୍ଧ ହେଉଛି। ତା'ସହ ଏହା ବିଭିନ୍ନ ପ୍ୟାଟର୍ନ ଓ ପ୍ରିଣ୍ଟରେ ବି ଉପଲବ୍ଧ ହୁଏ। ଏହି ଆଉଟ୍‌ଫିଟ୍ ସହିତ ଝୁମ୍‌କା ଅବା ବଡ ସାଇଜ୍‌ର ଇୟରିଂ ଭଲ ଲାଗେ।

**ମେକ୍‌ଅପ୍**

ଲାଇଟ୍ ମେକ୍‌ଅପ୍ ଏହି ଅକେଜନ୍‌ରେ ଭଲ ଲାଗେ। ତେବେ ମେକ୍‌ଅପ୍ ନେବା ପୂର୍ବରୁ ମୁହଁକୁ ଭଲ ସ୍କ୍ରବରରେ କ୍ଲିନ୍ କରନ୍ତୁ। ପରେ ମଇଶ୍ଚରାଇଜର ଲଗାନ୍ତୁ। ପରେ କନ୍‌ସିଲର୍‌ରେ ମୁହଁର ଦାଗ ଲୁଚାନ୍ତୁ। ଏହାପରେ ଫାଉଣ୍ଡେଶନ୍ ବ୍ୟବହାର କରନ୍ତୁ। ଫାଉଣ୍ଡେଶନ ଚେହେରାର ବର୍ଣ୍ଣଠାରୁ ହାଲ୍‌କା ହେବା ଜରୁରୀ। ଏହାକୁ ଭଲଭାବରେ ମିଶାନ୍ତୁ। ଏହାପରେ କମ୍ପାକ୍ଟ ପାଉଡର୍ ଲଗାନ୍ତୁ। ଗାଲରେ ଟିକେ ବ୍ଲଶ୍ ଲଗାନ୍ତୁ। ଶେଷରେ ହାଇଲାଇଟର୍ ଅବା ସିମର୍ ଲଗାଇ ମ୍ୟାଜିକ୍ ଲୁକ୍ ପାଆନ୍ତୁ। ଆଖିରେ ଆଇଲାଇନର୍ ସାହାଯ୍ୟରେ କ୍ୟାଟ୍ ଆଇ କିମ୍ବା ୱିଙ୍ଗଡ୍ ଲୁକ୍ ଦିଅନ୍ତୁ। କାଜଲ ଲଗାନ୍ତୁ ଓ ଡ୍ରେସ୍ ସହ ମ୍ୟାଚ୍ କରି ଶ୍ୟାଡୋ ବ୍ୟବହାର କରନ୍ତୁ। ମସ୍କାରା ଓ ଆଉଟ୍‌ଫିଟ୍ ସହ ମ୍ୟାଚ୍ କରି ଲିପ୍‌ଷ୍ଟିକ୍ ଲଗାନ୍ତୁ।





**ହାତରେ ମେହେନ୍ଦି**

ଫେଷ୍ଟିଭ୍ ଲୁକ୍ କମ୍ପ୍ଲିଟ୍ ହୁଏ ହାତରେ ହୋଇଥିଲେ ସୁନ୍ଦର ମେହେନ୍ଦି। ରାଖୀ ଅବସରରେ ବି ହାତରେ ମେହେନ୍ଦି କରିବାକୁ ଭୁଲିବେନି।

**ହେୟାର୍‌ଷ୍ଟାଇଲ୍**

ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହ ଟ୍ରେଣ୍ଡି ହେୟାର୍‌ଷ୍ଟାଇଲ୍ ପରଫେକ୍ଟ ଲୁକ୍ ଦିଏ। ବନ୍, ବ୍ରେଡ୍‌ସ, ପୋନି ଟେଲ୍, କର୍ଲଡ ହେୟାର୍ କିମ୍ବା କେଶ ଖୋଲା ବି ରଖିପାରିବେ। ଡିଜାଇନର୍ ଅନାରକଲି ସୁଟ୍ ସହ ପଫ୍‌ଡ ବନ୍ ଭଲ ଲାଗେ। ମେସି ବନ୍ ବି ଟ୍ରାଏ କରିପାରିବେ।

**ଆସେସରିଜ୍**


ବିଭିନ୍ନ ହେୟାର୍ ଆସେସରିଜ୍ ସହିତ ନେକ୍‌ପିସ୍, ମୁଦି, ଚୁଡି, ହେଭି ଇୟରିଂ ଆଦି ଆସେସରିଜ ଏକ ପରଫେକ୍ଟ ଏଥନିକ୍ ଲୁକ୍ ଦେଇଥାଏ।





ରାଖୀପୂର୍ଣ୍ଣିମାକୁ ଅପେକ୍ଷା ଥାଏ ସବୁ ଭଉଣୀଙ୍କର। ଭାଇ ହାତରେ ରାଖୀ ବାନ୍ଧିବେ, ସୁରକ୍ଷାର ପ୍ରତିଶ୍ରୁତି ନେବେ। ଆଉ ପାଇବେ ସୁନ୍ଦର ଉପହାର। ତେବେ ଏହି ଦିନଟି ଆଉ ଟିକେ ନିଆରା ଲାଗିବ ଯଦି ଭଉଣୀମାନଙ୍କ ଲୁକ୍ ହେବ କିଛି ଖାସ୍। ସେଥିପାଇଁ ଟ୍ରାଏ କରନ୍ତୁ କିଛି ଟିପ୍ସ...

ତାଙ୍କର ପୂରା ନାମ ପ୍ରାନ୍‌କ୍ରିଷ୍ଣ ସିକନ୍ଦ ତେବେ ଅଗଣିତ ଚିତ୍ରପ୍ରେମୀଙ୍କ ନିକଟରେ ସେ କେବଳ 'ପ୍ରାନ୍' ନାମରେ ହିଁ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ନିଜର ଜୀବନ୍ତ ଅଭିନୟ ତଥା ଚଳଚ୍ଚିତ୍ର ନିମନ୍ତେ ଉତ୍ସର୍ଗୀକୃତ ଜୀବନ ପାଇଁ ତାଙ୍କୁ ଏକାଧିକ ଥର ଫିଲ୍ମଫେୟାର ପୁରସ୍କାର ପ୍ରଦାନ କରାଯାଇଛି ।



# ପ୍ରାନ୍



ପ୍ରାନ୍ – ଏତିକି ପରିଚୟ ଯଥେଷ୍ଟ । ତାଙ୍କର ପୂରା ନାମ ପ୍ରାନ୍‌କ୍ରିଷ୍ଣ ସିକନ୍ଦ । ତେବେ ଅଗଣିତ ଚିତ୍ରପ୍ରେମୀଙ୍କ ନିକଟରେ ସେ କେବଳ 'ପ୍ରାନ୍' ନାମରେ ହିଁ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ନିଜର ଜୀବନ୍ତ ଅଭିନୟ ତଥା ଚଳଚ୍ଚିତ୍ର ନିମନ୍ତେ ଉତ୍ସର୍ଗୀକୃତ ଜୀବନ ପାଇଁ ତାଙ୍କୁ ଏକାଧିକ ଥର ଫିଲ୍ମଫେୟାର ପୁରସ୍କାର ପ୍ରଦାନ କରାଯାଇଛି । ସେ ମଧ୍ୟ ଭାରତୀୟ ସିନେମାର ସର୍ବୋଚ୍ଚ ପୁରସ୍କାର ଦାଦା ସାହେବ ଫାଲକେ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କେବଳ ନେଗେଟିଭ୍ ଭୂମିକାରେ ନୁହନ୍ତି ; ଚରିତ୍ର ଅଭିନେତା ଭୂମିକାରେ ଅଭିନୟ କରିବାର ଦକ୍ଷତା ମଧ୍ୟ ତାଙ୍କ ନିକଟରେ ଭରପୂର ହେଇ ରହିଥିଲା ।

**ନାୟକରୁ ଖଳନାୟକ :** ପ୍ରଥମେ ଜଣେ ନାୟକ ଭାବରେ ସେ ଆସିଥିଲେ ଦର୍ଶକଙ୍କ ନିକଟକୁ । ୧୯୪୦-୪୭ ମଧ୍ୟରେ ସେ ବହୁ ଫିଲ୍ମରେ ହିରୋ ବା ନାୟକ ଭୂମିକାରେ ଅଭିନୟ କରିଥିଲେ । ତାଙ୍କର ଖଳନାୟକର ଅବଧି ହେଉଛି ୧୯୪୨-୧୯୯୧ । ସେ ୩୫୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି । ଖାନ୍‌ଦାନ୍, ହାଲାକୁ, ଔରତ୍, ଜଙ୍ଗଲ ମେ ମଙ୍ଗଲ, ଗଦ୍ଦର, ଏକ କୁଆଁରୀ ଏକ କୁଆଁରା, ଜିସ୍ ଦେଶ ମେ ଗଙ୍ଗା ବେହତି ହେ, ଆସୁଁ ବନ୍ ଗୟେ ଫୁଲ, ଡନ୍, ଜନି ମେରା ନାମ ଆଦି ତାଙ୍କ ଅଭିନୀତ ଫିଲ୍ମ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ।






**ସମ୍ମାନ ଓ ପୁରସ୍କାର :** ବଳିଷ୍ଠ ତଥା ଜୀବନ୍ତ ଅଭିନୟ ପାଇଁ ପ୍ରାନ୍ ସବୁବେଳେ ପ୍ରସିଦ୍ଧ । ସେଥିଲାଗି ତାଙ୍କୁ ମିଳିଛି ବହୁ ସମ୍ମାନ, ପୁରସ୍କାର ଓ ପ୍ରଶସ୍ତି । ୧୯୬୭, ୧୯୬୯ ଏବଂ ୧୯୭୨ରେ ଫିଲ୍ମଫେୟାର ଏବଂ ୧୯୯୭ରେ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ଼ ଏହାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ । ୨୦୦୦ରେ ସେ ପାଇଥିଲେ 'ଷ୍ଟାରଡଷ୍ଟ'ର 'ଭିଲେନ୍ ଅଫ୍ ଦି ମିଲେନିଅମ୍' । ୨୦୦୧ରେ ତାଙ୍କୁ ମିଳିଥିଲା ସମ୍ମାନଜନକ 'ପଦ୍ମ ଭୂଷଣ' ସମ୍ମାନ ।

**ଜନ୍ମ :** ୧୯୨୦ ମସିହା ଫେବୃଆରୀ ମାସ ୧୨ ତାରିଖ । ଦିଲ୍ଲୀର କୋଟଗଡ଼ ଅନ୍ତର୍ଗତ ବାଲିମାରନ୍ । ଏଇଠାରେ ଏକ ସ୍ବଚ୍ଛଳ ପଞ୍ଜାବୀ ପରିବାରରେ ପ୍ରାନ୍‌ଙ୍କର ଜନ୍ମ ହୋଇଥିଲା । ବାପା କେୱଲକ୍ରିଷ୍ଣ ସିକନ୍ଦ ବା କେକେ ସିକନ୍ଦ ଥିଲେ ଜଣେ ସିଭିଲ୍ ଇଞ୍ଜିନିଅର । ମା' ରାମେଶ୍ୱରୀ ଥିଲେ ଗୃହିଣୀ । ପ୍ରାନ୍‌ଙ୍କର ତିନିଭାଇ ଓ ତିନି ଭଉଣୀ । ସେ ଖୁବ୍ ଭଲ ପଢୁଥିଲେ । ବିଶେଷକରି, ତାଙ୍କର ଗଣିତ ଜ୍ଞାନ ଖୁବ୍ ଭଲ ଥିଲା ।






**କ୍ୟାମେରା ପ୍ରତି ଦୁର୍ବଳତା :** ପ୍ରାଣଙ୍କର କ୍ୟାମେରା ପ୍ରତି ଖୁବ୍ ଦୁର୍ବଳତା ଥିଲା । ସେ ନିଜର ଓ ଅନ୍ୟମାନଙ୍କର ଫଟୋ ଉଠାଇବାକୁ ଭଲ ପାଉଥିଲେ । ବଡ଼ ହୋଇ ଜଣେ ଫଟୋଗ୍ରାଫର ହେବା ଲାଗି ସେ ହରଦମ୍ ସ୍ୱପ୍ନ ଦେଖୁଥିଲେ । ତେବେ ତାଙ୍କର ସିମ୍‌ଲାରେ ଚାକିରି ହୋଇଥିଲା । ଏହାପରେ ତାଙ୍କ ଜୀବନର ମୋଡ଼ ବଦଳିଗଲା । ସେ ଅଭିନୟ ଜୀବନକୁ ଆଦରି ନେଲେ ।

**ୟମ୍‌ଲା ଜାଟ୍‌ରୁ ଖାନ୍‌ଦାନ୍** ୧୯୪୦ ମସିହାରେ ପ୍ରାନ୍‌ଙ୍କ ଫିଲ୍ମ ଜୀବନ ଆରମ୍ଭ ହୋଇଥିଲା । ଲେଖକ ୱାଲି ମହମ୍ମଦ ୱାଲିଙ୍କ ସହିତ ତାଙ୍କର ବନ୍ଧୁତା ହୋଇଥିଲା । ୱାଲି ତାଙ୍କୁ ବି. ଗିଦ୍ୱାନିଙ୍କ ସହିତ ସାକ୍ଷାତ କରାଇଥିଲେ । ଗିଦ୍ୱାନି ତାଙ୍କୁ ଫିଲ୍ମ 'ୟମ୍‌ଲା ଜାଟ୍'ରେ ଅଭିନୟର ସୁଯୋଗ ଦେଲେ । ପରବର୍ତ୍ତି ସମୟରେ ସେ ଆଉ କେତେକ ଫିଲ୍ମରେ ଛୋଟ ଭୂମିକାରେ ଅଭିନୟ କଲେ । ୧୯୪୨ରେ ତାଙ୍କୁ ମିଳିଲା ଉର୍ଦ୍ଦୁ ଫିଲ୍ମ 'ଖାନ୍‌ଦାନ୍' । ଏଥିରେ ସେ ଜଣେ ରୋମାଣ୍ଟିକ୍ ହିରୋ ଭୂମିକାରେ ଅଭିନୟ କରିଥିଲେ । ତାଙ୍କର ନାୟିକା ଥିଲେ ନୂର ଜହାଁ । ଏହି ଫିଲ୍ମଟି ପ୍ରାନ୍‌ଙ୍କୁ ଅଭିନୟ ଜଗତରେ ରାହା ଯୋଗେଇଥିଲା ।







**ଗିଦ୍ୱାନିଙ୍କ ଫେଭରିଟ୍ :** ଖାନ୍‌ଦାନ୍‌ର ସଫଳତା ପରେ ଗିଦ୍ୱାନିଙ୍କର ଜଣେ ଫେଭରିଟ୍ ଆକ୍ଟର ବନିଗଲେ ପ୍ରାନ୍ । ୧୯୪୭ ଭାରତ ବିଭାଜନ ପୂର୍ବରୁ ପ୍ରାନ୍ ୨୨ଟି ଫିଲ୍ମରେ ଅଭିନୟ କରି ସାରିଥିଲେ । ସେତିକିନୁହେଁ ଏହାଦ୍ୱାରା ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରି ନେଇଥିଲେ । ସ୍ୱାଧୀନତା ତଥା ବିଭାଜନ ପରେ ସେ ପୁଣିଥରେ ଫିଲ୍ମରେ ସକ୍ରିୟ ଭାବରେ ସଂଯୁକ୍ତ ହେଲେ । ପ୍ରସିଦ୍ଧ ଲେଖକ ସାଦତ୍ ହାସନ୍ ମଣ୍ଟୁ ଏବଂ ଅଭିନେତା ଶ୍ୟାମ୍‌ଙ୍କ ସହାୟତାରେ ସେ ପାଇଲେ ବମ୍ବେ ଟକିଜ୍ ନିବେଦିତ ଫିଲ୍ମ 'ଜିଦ୍ଦି' । 'ଜିଦ୍ଦି' ତାଙ୍କୁ ହିନ୍ଦି ଫିଲ୍ମ ଦୁନିଆରେ ପ୍ରତିଷ୍ଠା ଦେଇଥିଲା । ଆଉ ସେ ହିନ୍ଦୀ ସିନେମା ଜଗତରେ ପାଖାପାଖି ୬ ଦଶନ୍ଧି ଅତିକ୍ରମ କରିଥିଲେ । ୯୩ ବର୍ଷ ବୟସରେ ୨୦୧୩ ମସିହାରେ ଏହି ମହାନ୍ ପ୍ରତିଭାଙ୍କର ପରଲୋକ ଘଟିଥିଲା ।

ଅଳ୍ପଗଳ୍ପ

## ତୋ ନା'ର ମାନେ ହଁ

ବିଶ୍ୱବନ୍ଧୁ ମହାପାତ୍ର



ମୁଁ ହଁ କହିଲି। ତୁ କହିଲୁ ନା। ମୁଁ ନା କହିଲେ ତୁ କହିଲୁ ହଁ।

ହଁ-ନାଇଁର ଏ ମତାନ୍ତର ଲୁଟିନେଲା ଆମ ସୁଖ।

ତୁ-ତୁ ମେ-ମେ'ର ଝଗଡ଼ାରେ ମରିଗଲା ଏ ସମ୍ପର୍କ।

ତୋ ନା'ର ମାନେ ହଁ; ମୋ ନା'ରେ ମାନେ ହଁ – ଏକଥା ତୁ ବୁଝିଲୁ ନା ମୁଁ? କେହି ଜଣେ ବୁଝିଥିଲେ ତ ଜୀବନ ଅନ୍ୟପ୍ରକାର ହେଇଥାନ୍ତା ଆଜି।

ଏବେ ଏଇକଥା ବୁଝିଲା ବେଳକୁ କିନ୍ତୁ ନେଡ଼ିଗୁଡ଼ କହୁଣୀକୁ ବହି ଯାଇଛି।

– ରୁମ୍ ନଂ- ୧୭, ଆଡ଼ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ଫାଷ୍ଟଫ୍ଲୋର, ଭେଲ୍, ପିପିଲାନି, ଭୋପାଳ (ମଧ୍ୟପ୍ରଦେଶ), ୪୬୨୦୨୩

## ନାଇଁ ଆଉ ଭଲ ପାଇବାକି !

ଡ.କୁଳାଙ୍ଗାର



ଭଲପାଇବା ନୁହେଁ
ଲାଭଜନକ ଆଉ,
ଚାହିଁଥିବ ଜଣେ ଏୟା
ସେୟା ଦେଉ !
ବୋପା ପଇସା
କୋଉ ବା ଅଣ୍ଟିବ,
ଲୁଟ୍‌ତରାଜ ଠକେଇ
କରିବାକୁ ହେବ !!
ନାଇଁମ ଥାଉ,
ଆମ ପୁଲିସି
ଶାନ୍ତିରେ ରହୁ !!
ଭଲପାଇବା
ଅଧାରେ ଯଦି ଭାଙ୍ଗିଯିବ,
ଦୁଃଖକୁ କାଟିବାକୁ ପୁଣି
ପିଆପିଇ ହେବ !
କିଏ ବିରହରେ
ହାତଗୋଡ କାଟିବ,
କିଏ ପୁଣି ନିଦ ବଟିକା ବେଜାଏ ଖାଇବ !
ନାଇଁମ ଥାଉ,
ଡାକ୍ତରଙ୍କୁ ଶାନ୍ତି ଦିଆଯାଉ !!
ଭଲପାଇଲେ ବାହାହେବାକୁ ପଡିବ,
ବାହାହେଲେ ପିଇବାକୁ ଦେବାକୁ ପଡିବ !
ପିଆପିଇରୁ କୁହାକୁହି ହେବ,
ତାହା ବଢିଲେ ଥୁଆଥୁଇ ହେବ !
ନାଇଁମ ଥାଉ,
ଏ ଧରଣୀ ଶାନ୍ତିରେ ରହୁ !!
ସୁରୁଖୁରୁରେ ବରକନ୍ୟା ନେଲେ ବିଦାୟ,
ଦିନ କେତେଟାରେ ଘରେ କଳି ଥୟ !
କଳିରୁ କିଏ ପୁଣି ଆତ୍ମହତ୍ୟା କରିବ,
ଅବା ମିଳିମିଶି କାହାକୁ ହତ୍ୟା କରାଯିବ !
ନାଇଁମ ଥାଉ,
ବିଚାରାଳୟ ଚାପ ନବଢୁ ଆଉ !!

– କଳାଘର, ଲେମ୍ବୋ, ନରସିଂହପୁର, କଟକ

# ମିଠେଇ

**ପବିତ୍ର କୁମାର ଗୌଡ଼**



ମର୍ଣ୍ଣିଂୱାକ୍‌ରୁ ଫେରି ସୋଫାରେ ବସିପଡ଼ିଲେ ରମାକାନ୍ତ। ଖବରକାଗଜ ଉପରେ ଟିକିଏ ଆଖି ପକେଇ ଆଣିଲା ବେଳକୁ କପେ ଚା' ଥୋଇ ଦେଇଗଲା ଝିଅ। ଏତିକିବେଳକୁ କିଏ କବାଟ ବାଡ଼େଇଲା। ଏତେ ସକାଳୁ କିଏ ହୋଇପାରେ ? କ୍ଷୀରବାଲା ତ ଆଉ ଟିକେ ଡେରିରେ କ୍ଷୀର ଦିଏ। ଖବରକାଗଜବାଲା ତ କାଲିଠୁ ମାସକର ଟଙ୍କା ନେଇସାରିଛି। ପଡ଼ୋଶୀ ବ୍ରଜବାବୁ ତ ତାଙ୍କ ସାଙ୍ଗରେ ମର୍ଣ୍ଣିଂୱାକ୍ ସାରି ଏଇନେ ଫେରିଲେ। ସେ ବି ଚା' ପିଇ ପିଇ ଖବରକାଗଜ ଓଲଟଉଥିବେ। କିଏ ତା'ହେଲେ ?

ଅନ୍ୟମନସ୍କ ଭାବେ ସେ କବାଟ ଖୋଲିଦେଲେ।

ସାମ୍ନାରେ ତିନି ଜଣ ପୁଲିସ୍।

ଏତେ ସକାଳୁ ତାଙ୍କ ଘରେ ପୁଲିସ୍ ? ସେ ଟିକିଏ ଶଙ୍କିଗଲେ। ପୁଲିସ ତାଙ୍କୁ ଖୋଜି ଖୋଜି ଆସିବା ଭଳି କିଛି ତ ସେ କରିନାହାନ୍ତି। ତା' ହେଲେ ? ଜଣେ ପୁଲିସ ଜେରା କଲା ଭଳି ପଚାରିଲେ – 'ତମେ ରମାକାନ୍ତ ?'

'ହଁ...ଅ ହେଲେ... ?' ଥତମତ ହେଲେ ରମାକାନ୍ତବାବୁ।

'ତମର ଗାଡ଼ି ମିଳିଛି।' ହଠାତ୍ ବୁଝିପାରିଲେନି ରମାକାନ୍ତ। ପଚାରିଲେ – 'ଗାଡ଼ି... ?' 'ଚୋରି ହୋଇଥିଲା ବୋଲି କମ୍ପ୍ଲେନ୍ ଦେଇଥିଲଟି ?' 'ଓଃ...ହଁ...ହଁ... ତିନି ବର୍ଷ ତଳେ ଚୋରି ହେଇଥିଲା ଖଣ୍ଡଗିରି ଛକରୁ... । ଆଚ୍ଛା କୋଉଠୁ ମିଳିଲା ?' 'କଣ୍ଟିଲୋ ପାଖରୁ।' ଉତ୍ତର ଦେଲେ ଜଣେ ପୁଲିସବାବୁ ଓ ତାଗିଦ୍ କଲା ଭଳି କହିଲେ – କାଗଜପତ୍ର ନେଇକି ଆସ।' 'ଧନ୍ୟବାଦ। ଆପଣ ଯାଆନ୍ତୁ। ମୁଁ ଅଳ୍ପ ସମୟ ଭିତରେ ପହଞ୍ଚୁଛି।' ରମାକାନ୍ତ ଖୁସିରେ ଉତ୍ତର ଦେଲେ। 'ଆଃ...ଶୁଖିଲା ଧନ୍ୟବାଦରେ ଚଳେଇଦବ ? ମିଠେଇ ଖୁଏଇବ ନା... । ରମାକାନ୍ତ ଆଉ ଟିକେ ଖୁସି ହେଇ ପତ୍ନୀଙ୍କ ଉଦ୍ଦେଶ୍ୟରେ ଡାକିଲେ – 'ଶୁଭୁଚି ? ଫ୍ରିଜ୍‌ରୁ କିଛି ରସଗୋଲା ନେଇକି ଆସ।' ହୋ ହୋ ହେଇ ହସିଲେ ପୁଲିସବାବୁମାନେ। 'ଆଉ ଜାଣୁନ କ'ଣ ? ଖୋଜି ଖୋଜିକି ତମ ଗାଡ଼ି ଧଇଲୁ। ପୁଣି ଏମିତିଆ ଜାଗାରେ ଅଛି ଯେ ଘର ପାଇବାକୁ ଝାଳନାଳ ହେଲୁଣି। ସେଥିରେ ପୁଣି କ'ଣ ନା ରସଗୋଲା ?' 'ତା'ହେଲେ... ?' ପ୍ରଶ୍ନ ପଚାରିବା ଭଙ୍ଗୀରେ ପୁଲିସବାବୁଙ୍କୁ ଚାହିଁଲେ ରମାକାନ୍ତ। 'ଗାନ୍ଧିମୁଣ୍ଡ ମିଠେଇ। ସେଥିରୁ ଗୋଲାପୀ ରଙ୍ଗର ତିନିଟା ନେଇଆସେ ମ। ଏତେ ରୋଲ୍ ଆଉ ଦେଖାନି।' ଧମକେଇବା ଭଙ୍ଗୀରେ କହିଲେ ଜଣେ ପୁଲିସବାବୁ। ରମାକାନ୍ତ ହତବାକ ହେଇ ଘର ଭିତର ଆଡ଼କୁ ଚାହିଁବା ବେଳକୁ ହାତରେ ତିନିଖଣ୍ଡ ଦୁଇହଜାର ଟଙ୍କିଆ ଧରି ଠିଆ ହୋଇଥିଲେ ଧର୍ମପତ୍ନୀ।

'ଶୁଭୁଚି ? ଫ୍ରିଜ୍‌ରୁ କିଛି ରସଗୋଲା ନେଇକି ଆସ।' ହୋ ହୋ ହେଇ ହସିଲେ ପୁଲିସବାବୁମାନେ। 'ଆଉ ଜାଣୁନ କ'ଣ ? ଖୋଜି ଖୋଜିକି ତମ ଗାଡ଼ି ଧଇଲୁ। ପୁଣି ଏମିତିଆ ଜାଗାରେ ଅଛ ଯେ ଘର ପାଇବାକୁ ଝାଳନାଳ ହେଲୁଣି। ସେଥିରେ ପୁଣି କ'ଣ ନା ରସଗୋଲା ?' '

– ବି-୧୮୯, ଲେନ୍-୭, ଶ୍ରୀଜଗନ୍ନାଥ ବିହାର ବରମୁଣ୍ଡା, ଭୁବନେଶ୍ୱର-୩

## କୋଣାର୍କର ବ୍ୟଥା

ବିନୟ ଭୂଷଣ ପାଣିଗ୍ରାହୀ

ଆମକୁ ଦିଶୁଛି କୋଣାର୍କ
କାନ୍ଥରେ
କେତେ କେତେ କଳାକୃତି,
ପଥର ଦେହରେ ଜୀବନ ଭରିଛି,
ଆମର ଓଡିଆ ଜାତି ॥
କାଳର କରାଳେ ଲିଭି ତ ଗଲାଣି
ନିହାଣ ମୁନର ଭାଷା,



ବିଶୁ ମହାରଣା, ବାଲୁତ ଧରମା
ବାରଶ ବଢେଇ ବ୍ୟଥା ॥
ଶକତ ନିହାଣ ମୁନରେ ଖୋଳିଛି
କଥା ଓ ବ୍ୟଥାର ଚିତ୍ର,
ମୁଣ୍ଡ ପାତି ରାଜ-ଆଦେଶ ପାଳିଛି
ପାଣି କରି ଦେଇ ରକ୍ତ ॥
କୋଣାର୍କ କାନ୍ଥରେ ପଥର ଛାତିରେ
ରଖିଦେଲେ ଥରେ କାନ,
ଆଜି ବି ଶୁଭୁଛି ବଢେଇର କାନ୍ଦ
ଥରିଯାଏ ଦେହମନ ॥
ଶିଳ୍ପୀ ବେଦନାର ସାକ୍ଷୀ ଯେ ସାଗର
ଭୁଲିନାହିଁ ଆଜିଯାଏ,
ବାଳ ଧରମାର ଅକୁହା
କାହାଣୀ
ଗରଜି ଗରଜି କହେ ॥

– ଏସ୍-୫/୩୪୨, ନିଳାଦ୍ରୀ ବିହାର ଭୁବନେଶ୍ୱର-୨୨

## ଆମେ ଦୁହେଁ

ସ୍ମୃତିରଞ୍ଜନ ସେଠୀ



ତୋ ଆଖିରେ ସିନ୍ଧୁଏ ସ୍ୱପ୍ନ
ମୋ ଆଖି ଭିତରେ ସାମୁକାଏ ବାଲିଚର
ତୋ ଭିତରେ ବିସ୍ତିର୍ଣ୍ଣ ଆକାଶ
ମୋ ଭିତରେ ସାତତଳ ପଙ୍କ
ତୁ କଳିପାରୁ ସାମ୍ନାର ଦିଗ୍‌ବଳୟ
ମୁଁ ନିଜକୁ ଖୋଜିପାଏନି ନିଜେ
ତୁ ଟାଣିପାରୁ ସୁଦୀର୍ଘ ଗାର ଶେଷ ସୀମା ଯାଏ
ମୁଁ ବିନ୍ଦୁଟିଏ ବସାଇ ପାରେନି ମାଟିରେ
ତୁ ତ ଜାଣିଛୁ
ତୁ ନିଜେ ଗୋଟେ ସ୍ୱପ୍ନର ପୁନେଇ ଜହ୍ନ
ଆଉ ମୁଁ ଗୋଟେ ଅନ୍ଧାରି ଅନିଦ୍ରା ରାତି ।

– ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

# କାରଣ ଖୋଜୁଛନ୍ତି ଜ୍ୟାକଲିନ୍

କେତେ ଆଶା କରି ବସିଥିଲେ ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ନାଣ୍ଡିସ୍। ହେଲେ ସବୁ କିଛି ପାଣି ଫୋଟକା ପରି ମିଳାଇ ଗଲା। କାହାକୁ ବା କହିବେ ? ଏବେ ଖାଲି ଚୁପଚାପ ରହି ତାହାର କାରଣ ଖୋଜୁଛନ୍ତି। କଥା କ'ଣ କି ହିନ୍ଦୀ ଫିଲ୍ମ 'ଭାରତ'ର ନାୟିକା ଦୌଡରେ ତାଙ୍କ ନାମ ଶୁଣିବାକୁ ମିଳୁଥିଲା। ଏପରି କି ସଲମାନ କୁଆଡେ ନିଜ ପଟରୁ ଏ ନେଇ ସବୁଜ ସଙ୍କେତ ଦେଖାଇ ସାରିଥିଲେ। ହେଲେ ଠିକ୍ ବେଳକୁ ସେଥିରେ କେଁ ପଶିଗଲା। ପ୍ରଥମେ ପ୍ରିୟଙ୍କା ଚୋପ୍ରାଙ୍କୁ ଅଫର ଦିଆଗଲା। ହେଲେ ସେ ମନା କରିବା ପରେ ଏବେ କ୍ୟାଟ୍ରିନା କୈଫଙ୍କୁ ନାୟିକା ଭାବରେ ସାଇନ୍ କରାଯାଇଛି। ହେଲେ କ'ଣ ପାଇଁ ଜ୍ୟାକଲିନ୍ ବାଦ୍ ପଡିଲେ ? ଶୁଣିବାକୁ ମିଳୁଛି ଯେ ସଲମାନ-ଜ୍ୟାକଲିନଙ୍କ ଅଭିନୀତ 'ରେସ-୩' ଫ୍ଲପ ହେବା ପରେ ସବୁ କିଛି ଅଡୁଆ ତଡୁଆ ହୋଇଯାଇଥିଲା। ସଲ୍ଲୁ ମିଆଁ କୁଆଡେ ପୁଣି ଥରେ ଜ୍ୟାକଲିନ୍ଙ୍କୁ ନେଇ ରିସ୍କ ଉଠାଇବାକୁ ଚାହୁଁ ନ ଥିଲେ । ତେଣୁ 'ଭାରତ'ର କାଷ୍ଟିଂ ତାଲିକାରୁ ଜ୍ୟାକଲିନ୍ଙ୍କୁ ବାଦ୍ ଦିଆଯାଇଥିଲା।



ଜ୍ୟାକଲିନ୍

# ମୁଦିର ଦାମ୍ ୨ କୋଟି


ବର୍ତ୍ତମାନ କେବଳ ବଲିଉଡ୍ ନୁହେଁ ହଲିଉଡ୍‌ରେ ଆଲୋଚନାର ଶିରୋନାମା ପାଲଟିଛନ୍ତି ପ୍ରିୟଙ୍କା ଚୋପ୍ରା। ଏହାର କାରଣ ପ୍ରାୟ ଅନେକେ ଊଣାଅଧିକେ ଜାଣନ୍ତି। ତାହା ହେଲା ତାଙ୍କର ମ୍ୟାରେଜ। ତାଙ୍କର ହଲିଉଡ ପ୍ରେମିକ ନିକ୍ ଜୋନାସ୍‌ଙ୍କୁ ସେ ଖୁବ୍‌ଶୀଘ୍ର ବାହା ହେବାକୁ ଯାଉଛନ୍ତି। ଏବେ ଯେଉଁଥି ପାଇଁ ଚର୍ଚ୍ଚା ହେଉଛି ତାହାର କାରଣ ହେଉଛି ମୁଦି। ନିକ୍ ନିଜ ପ୍ରେମିକାକୁ ଏଭଳି ଏକ ଏନ୍‌ଗେଜମେଣ୍ଟ ମୁଦି ଦେବାକୁ ଚାହୁଁଥିଲେ, ଯାହାକୁ କେବଳ ସେ ନୁହେଁ ସମସ୍ତେ ମନେରଖିବେ। ତେଣୁ ସେ ନ୍ୟୁୟର୍କସ୍ଥିତ ଟିଫାନି ଆଣ୍ଡ କୋ. ସଂସ୍ଥାକୁ ଏଭଳି ଏକ ଦାମୀ ମୁଦି ତିଆରି କରିବାକୁ ଅର୍ଡର ଦେଇଥିଲେ। ଯେତେବେଳେ ସେ ଉକ୍ତ ୪ କ୍ୟାରେଟ୍ ବିଶିଷ୍ଟ ମୁଦି ଆଣିଲେ ତାହାର ଦାମ୍ କେତେ ଥିଲା ଜାଣନ୍ତି ? ପ୍ରାୟ ୨କୋଟି। ମୁଦିଟିକୁ ଦେଖିବା ପରେ ପ୍ରିୟଙ୍କାଙ୍କ ଖୁସି କହିଲେ ନ ସରେ।



ପ୍ରିୟଙ୍କା

# ହର୍ଷବର୍ଦ୍ଧନଙ୍କ ଗୁଳିଫୁଟା ମିଶନ

ଗୁଳିଟିଏ ଫୁଟିଲେ ତାହାର ଶବ୍ଦରେ ଆମେ ଚମକି ଉଠୁ। କାରଣ ଏହା ପ୍ରାଣଘାତକ ହୋଇଥାଏ। ବର୍ତ୍ତମାନ ଅନିଲ କପୁରଙ୍କ ପୁଅ ହର୍ଷବର୍ଦ୍ଧନ କେମିତି ଗୁଳି ଫୁଟାଯିବ ତାହା ଶିଖୁଛନ୍ତି। କେବଳ ଗୁଳି ଫୁଟାଇ ଦେଲେ ତ ହେବ ନାହିଁ, ତାହା ପୁଣି ଲକ୍ଷ୍ୟ ଭେଦ କରିବା ଦରକାର। ନ ହେଲେ ସବୁ ପରିଶ୍ରମ ପାଣିରେ ଯିବ। ତେଣୁ ଏଭଳି ମିଶନକୁ ବେଶ୍ ଜୋରଦାର କରିଦେଇଛନ୍ତି ସେ। କ'ଣ ପାଇଁ କହିଲେ ? ଅସଲ କଥା ହେଲା, ହର୍ଷବର୍ଦ୍ଧନ ଏକ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଅର୍ଥାତ୍, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶୁଟର ତଥା ଅଲିମ୍ପିକରେ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କ ଜୀବନୀକୁ ନେଇ ଏକ ହିନ୍ଦୀ ସିନେମା ନିର୍ମିତ ହେଉଛି। ଏହାର ଶୁଟିଂ ଆସନ୍ତାବର୍ଷ ଜାନୁୟାରୀରୁ ଆରମ୍ଭ ହେବ। ତେଣୁ ଏବେଠାରୁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିଜର ଏପରି ମିଶନ ସମ୍ପର୍କରେ ସୂଚନା ଦେଇ ହର୍ଷବର୍ଦ୍ଧନ କହନ୍ତି, 'ଫିଲ୍ମ ବିଷୟରେ ଭଲ ଭାବରେ ଜାଣିବା ପରେ ଗୁଳି କିପରି ଠିକ୍ ଭାବରେ ଫୁଟାଇବାକୁ ପଡିବ ସେ ନେଇ ମୋତେ ପ୍ରାକ୍ଟିସ କରିବାକୁ ପଡିବ। ଏହାବ୍ୟତୀତ ଅଭିନବଙ୍କ ବିଭିନ୍ନ ଇଭେଣ୍ଟର ଭିଡିଓ ଫୁଟେଜଗୁଡିକୁ ଭଲ ଭାବରେ ଦେଖିବି। ତେବେ ଏହି ଭୂମିକାକୁ ମୁଁ ଠିକ୍ ଭାବରେ ତୁଲାଇପାରିବି। ବର୍ତ୍ତମାନ ମୋ ହାତରେ ମାତ୍ର ୫ ମାସ ରହିଛି। ତେଣୁ ଏହି ୧୫୦ଦିନ ଭିତରେ ମୋତେ ଭଲ ଭାବରେ ଶୁଟିଂ ଶିଖିବାକୁ ପଡିବ।' ଏହି ଫିଲ୍ମରେ ହର୍ଷବର୍ଦ୍ଧନଙ୍କୁ ୧୫-୩୫ବର୍ଷ ବୟସ୍କ ଗେଟଅପରେ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ ୨୦୦୮ରେ ଚାଇନା ରାଜଧାନୀ ବେଜିଂରେ ଅନୁଷ୍ଠିତ ଅଲିମ୍ପିକର ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ଅଭିନବ ସ୍ୱର୍ଣ୍ଣ ପଦକ ଜିତିଥିଲେ।



ହର୍ଷବର୍ଦ୍ଧନ

# ତୁ ମୋ ଗର୍ଲଫ୍ରେଣ୍ଡ

ସତରେ, ମନଲାଖି ଗର୍ଲଫ୍ରେଣ୍ଡଟିଏ ପାଇବା କ'ଣ ସହଜ କଥା ? ବେଳେବେଳେ ଏଥିପାଇଁ ପ୍ରେମିକ ପ୍ରବରଙ୍କୁ ବେଶ୍ କସରତ କରିବାକୁ ପଡିଥାଏ। ଜଣକୁ ମନର ରାଣୀ କରିବାକୁ ଯାଇ ତାଙ୍କୁ ଗୁଡାଏ ପ୍ରେମିକାଙ୍କୁ ସାମ୍ନା କରିବାକୁ ପଡେ। ହେଲେ ସେମାନଙ୍କ ମଧ୍ୟରୁ କିଏ ହେବ ତାଙ୍କ ମନର ରାଣୀ ? ତେବେ ଏଭଳି ପ୍ରେମର ଶେଷ କିପରି ହେଉଛି ଏବଂ ସେ ପ୍ରେମିକ ଜଣକ ତାଙ୍କ ମନ ପସନ୍ଦର ଗର୍ଲଫ୍ରେଣ୍ଡଙ୍କୁ ପାଇପାରୁଛନ୍ତି କି ନାହିଁ ତାହା ଫିଲ୍ମଟି ଦେଖିଲେ ହିଁ ଆମେ ଜାଣିପାରିବା। କାରଣ ଏଭଳି ଏକ ହାଇଭୋଲଟେଜ ପ୍ରେମ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ତୁ ମୋ ଗର୍ଲଫ୍ରେଣ୍ଡ'। ଜିଡିଏସ ଫାଉଣ୍ଡେଶନ ଟ୍ରଷ୍ଟ ବ୍ୟାନରରେ ଏଭଳି ଏକ ସିନେମାର ପରିକଳ୍ପନା କରିଛନ୍ତି ନବାଗତ ପ୍ରଯୋଜକ ତଥା କାହାଣୀକାର ରଶ୍ମି ରଞ୍ଜନ ସାମଲ। ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ପି. ପ୍ରଭାକର। କାହାଣୀକୁ ଆଧାର କରି ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ଡ. ରଜନୀ ରଞ୍ଜନ। ଏହି ଫିଲ୍ମରେ ସଂଯୋଜିତ ତଥା ଅରୁଣ ମନ୍ତ୍ରୀ, ଡ. ନିର୍ମଳ ନାୟକ, ଜୟନ୍ତ ଦାଶଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଚଳଚ୍ଚିତ୍ରର ନାୟକ ଭୂମିକାରେ ନବାଗତ ଶୁଭମ କୁମାର ଗିରି ଅଭିନୟ କରିବେ। ଅନନ୍ୟା ମିଶ୍ର, ପ୍ରିୟଙ୍କା, କଳ୍ପନା, ଡ୍ରିମଗର୍ଲ, ମିହିର ଦାସ, ବିଜୟ ମହାନ୍ତି, ଅସୀତ ପତି, ପ୍ରଦ୍ୟୁମ୍ନ ଲେଙ୍କା, ଜୀବନ ପଣ୍ଡା, ସରୋଜ ଦାଶ, ଦେବୁ ବ୍ରହ୍ମା, ବ୍ରଜ ସିଂ, ଦେବୀ ବାରିକ ପ୍ରମୁଖ କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।



ଶୁଭମ୍-ଅନନ୍ୟା

# ଜୁଏଲେରି ସପ୍ଲାୟରରୁ ନାୟକ

ଜିତେନ୍ଦ୍ରଙ୍କ ପ୍ରକୃତ ନାମ ଥିଲା ରବି କପୁର। ତାଙ୍କର ବାପା ଇମିଟେସନ ଜୁଏଲେରି ବେପାର କରୁଥିଲେ। ସେତେବେଳେ ନାମୀ ପ୍ରଯୋଜକ ତଥା ନିର୍ଦ୍ଦେଶକ ଭି. ଶାନ୍ତାରାମଙ୍କୁ ଚଳଚ୍ଚିତ୍ର ପାଇଁ ଆବଶ୍ୟକ ଜୁଏଲେରି ଦେବାକୁ ଯାଉଥିଲେ ସେ। ୧୯୫୯ରେ ନିର୍ମିତ 'ନବରଙ୍ଗ'ରେ ତାଙ୍କୁ ବ୍ରେକ୍ ଦେଲେ ଶାନ୍ତାରାମ, ହେଲେ ଫିଲ୍ମଟି ଫ୍ଲପ୍ ହେଲା। ୧୯୬୪ରେ ପୁଣି ଥରେ ଶାନ୍ତାରାମ ନିର୍ମାଣ କଲେ 'ଗୀତ ଗାୟା ପଥରୋଁ ନେ'। ଏଥିରେ ତାଙ୍କର ସ୍କ୍ରିନ୍ ନାମ 'ଜିତେନ୍ଦ୍ର' ରଖିଥିଲେ ଶାନ୍ତାରାମ। ତା'ପରେ ସେ ବଲିଉଡ୍‌ରେ ଜିତେନ୍ଦ୍ର ନାମରେ ପରିଚିତ ହେଲେ। ଜିତେନ୍ଦ୍ରଙ୍କ ଅଭିନୀତ ପ୍ରଥମ କମର୍ସିଆଲ ହିଟ୍ ଫିଲ୍ମ ଥିଲା 'ଫର୍ଜ'। ନିଜ ଷ୍ଟାଇଲିଷ୍ଟ ଡ୍ୟାନ୍ସ ପାଇଁ ତାଙ୍କୁ 'ଜମ୍ପିଙ୍ଗ ଜ୍ୟାକ୍' ଭାବରେ ଅଭିହିତ କରାଯାଇଥାଏ। ଅଭିନୟ ସମୟରେ ହେମାମାଳିନୀଙ୍କ ପ୍ରେମରେ ପଡିଥିଲେ ଜିତେନ୍ଦ୍ର, ହେଲେ ହେମା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଶେଷରେ ଜିତେନ୍ଦ୍ର ତାଙ୍କର ପିଲାଦିନର ବାନ୍ଧବୀ ଶୋଭା କପୁରଙ୍କୁ ବାହା ହୋଇଥିଲେ।



ଜିତେନ୍ଦ୍ର

# ଆଥିୟାଙ୍କ ଫଟୋ ସେଶନ ନିଶା

ଷ୍ଟାର କିଡ୍ ଆଥିୟା ସେଟ୍ଟି ଏବେ ଫଟୋ ସେଶନରେ ବ୍ୟସ୍ତ ଅଛନ୍ତି। ବିଭିନ୍ନ ପୋଜ୍‌ରେ ସେ ଫଟୋ ଉଠାଇ ସେଗୁଡିକୁ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏ ବିଷୟରେ ଆଥିୟା କହନ୍ତି, 'ପ୍ରଶଂସକଙ୍କ ନିକଟରେ ସହଜରେ ପହଞ୍ଚିବା ଏବଂ ସେମାନଙ୍କ ସହ ସବୁବେଳେ ଟଚ୍‌ରେ ରହିବାର ପ୍ରମୁଖ ମାଧ୍ୟମ ହେଲା ସୋସିଆଲ ମିଡିଆ। ଅବସର ମିଳିଲେ ମୁଁ ମୋ ସୋସିଆଲ ସାଇଟ୍‌ରେ ଟାଇମ ପାସ୍ କରିଥାଏ। ନିକଟରେ ମୁଁ ଯେତିକି ଫଟୋ ଅପଲୋଡ କରିଛି ତାହାକୁ ନେଇ ଅନେକ ଭଲ କମେଣ୍ଟ ଆସିଛି। ବିଶେଷଭାବରେ ବରୁଣ ଧାୱନ ମୋତେ ବେଶ୍ ପ୍ରଶଂସା କରିଛନ୍ତି ତେଣୁ ତାଙ୍କୁ 'ଥ୍ୟାଙ୍କସ' ଜଣାଉଛି।' ଆଥିୟାଙ୍କୁ ପ୍ରଥମେ ବ୍ରେକ ମିଳିଥିଲା 'ହୀରୋ' (୨୦୧୫) ଚଳଚ୍ଚିତ୍ରରେ। ଏହି ଫିଲ୍ମ ପାଇଁ ତାଙ୍କୁ ବେଷ୍ଟ ଫିମେଲ ଡେବ୍ୟୁଟାଣ୍ଟ ଭାବରେ ଦାଦା ସାହେବ ଫାଲକେ ଏକ୍ସିଲେଣ୍ଟ ଆୱାର୍ଡ ମିଳିଥିଲା। କିନ୍ତୁ ଗତ ତିନିବର୍ଷ ଭିତରେ ସେ ମାତ୍ର ଦୁଇଟି ସିନେମା 'ମୁବାରକନ୍' ଏବଂ ନୱାବଜାଦେ' (ଅତିଥି କଳାକାର)ରେ ଅଭିନୟ କରିଛନ୍ତି। ଆଉ ଦୁଇଟି ଚଳଚ୍ଚିତ୍ର 'ମୋତିଚୁର୍ ଚକନାଚୁର୍' ଏବଂ 'ହୋପ୍ ସୋଲୋ'ରେ ଅଭିନୟ କରିବାକୁ ସେ ଚୁକ୍ତିବଦ୍ଧ ହୋଇଛନ୍ତି।



## ପ୍ରଥମ ରୋଜଗାର

# ଦରମା ମା'ବାପାଙ୍କୁ ଦେଉଥିଲି



ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ୍ ଅନ୍ତର୍ଗତ ଜୀବନଦେଇପୁର ଶାସନରେ ମୋର ଜନ୍ମ। ବାପା ଉତ୍କଳ ୟୁନିଭର୍ସିଟି ହାଇସ୍କୁଲ୍‌ରେ ଚାକିରି କରୁଥିଲେ। ତେଣୁ ମୋ ପାଠପଢା ବି ସେହି ସ୍କୁଲ୍‌ରେ ହୋଇଥିଲା। ଏଠାରୁ ୧୯୮୫ରେ ଦଶମ ପାସ୍ କରିବା ପରେ ବିଜେବି କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢିଥିଲି। ତା'ପରେ ଭୁବନେଶ୍ୱରସ୍ଥିତ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ବି.ଟେକ୍ କଲି। ସେଠାରୁ ୧୯୯୨ରେ ପାସ୍ କରିବା ପରେ ଇଡ୍‌କୋରେ ଗ୍ରାଜୁଏଟ୍ ଟ୍ରେନି ଆର୍କିଟେକ୍ଟ ଭାବେ ଚାକିରି ପାଇଲି। ଏଠାରୁ ପ୍ରତିମାସ ଯେଉଁ ଦରମା ମିଳୁଥିଲା ତାକୁ ନେଇ ମା'ବାପାଙ୍କୁ ଦେଉଥିଲି। ୧୯୯୩ରେ ମୋ ବାହାଘର ହେଲା। ମୋ ସ୍ୱାମୀ ଜଣେ କେନ୍ଦ୍ର ସରକାର ଅଧୀନ କର୍ମଚାରୀ ଥିଲେ ଆଉ ତାଙ୍କର ପୋଷ୍ଟିଂ ସିଲିଗୁଡ଼ିରେ ହୋଇଥିଲା। ତେଣୁ ବାଧ୍ୟହୋଇ ୧୯୯୪ ଜାନୁୟାରୀରେ ଇଡ୍‌କୋ ଚାକିରିରୁ ରିଜାଇନ୍ ଦେଇ ସିଲିଗୁଡ଼ି ଗଲି ଆଉ ସେଠାରେ ମହାନନ୍ଦା କନ୍‌ଷ୍ଟ୍ରକ୍‌ଶନ୍ ନାମକ ଏକ ଘରୋଇ କମ୍ପାନୀରେ ସିନିୟର୍ ଆର୍କିଟେକ୍ଟ ଭାବେ କାମ କଲି। ପ୍ରାୟ ୩ ବର୍ଷ ସେଠାରେ କାମ କରିବା ଭିତରେ ମୁଁ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ଉପରେ କାମ କରିଛି। ତନ୍ମଧ୍ୟରୁ ସିଲିଗୁଡ଼ିରେ ଥିବା ଇସ୍କନ ମନ୍ଦିରର ନକ୍ସା କରିବାର କାମ ମୋତେ ଖୁବ୍ ଆତ୍ମତୃପ୍ତି ଦେଇଥିଲା। ୩ ବର୍ଷ ପରେ ପୁଣି ସେ ଚାକିରି ଛାଡି ନମିତା ଦାଶ ଆଣ୍ଡ ଆସୋସିଏଟ୍ସ ନାମରେ ନିଜର ଏକ ପ୍ଲାନିଂ, ଡିଜାଇନିଂ ଆଣ୍ଡ ଇଣ୍ଟେରିୟର୍ ଡିଜାଇନିଂ କନ୍‌ସଲ୍‌ଟାନ୍ସି ଫାର୍ମ ସିଲିଗୁଡିରେ ଖୋଲିଲି। ଏହି ସମୟରେ ହୋଟେଲ୍, ରିସୋର୍ଟ, ଆପାର୍ଟମେଣ୍ଟ ତଥା ଅନେକ ଲୋକଙ୍କ ଘର ତିଆରି ପାଇଁ ନକ୍ସା ଯେତିକି କରିଛି, ସ୍କୁଲ୍‌ର ଡିଜାଇନିଂ କାମ ବି ସେତିକି କରିଛି। ତେବେ ନିଜସ୍ୱ କନ୍‌ସଲ୍‌ଟାନ୍ସି ଫାର୍ମ ହୋଇଥିବାରୁ ସ୍କୁଲ୍ ପାଇଁ ଯାହା ଡିଜାଇନିଂ କାମ ମିଳେ, ସେଥିପାଇଁ ମୁଁ କୌଣସି ପାରିଶ୍ରମିକ ଆଶା କରି ନ ଥାଏ। ସେହିପରି ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବା କୌଣସି ବ୍ୟକ୍ତିଙ୍କର କାମ ଯଦି ମୋ ପାଖକୁ ଆସିଥାଏ, ତା'ହେଲେ ବିନା ପାରିଶ୍ରମିକରେ ସେମାନଙ୍କ କାମ ବି ମୁଁ କରିଥାଏ। ଏହାଦ୍ୱାରା ମୋତେ ଖୁବ୍ ଆତ୍ମଶାନ୍ତି ମିଳିଥାଏ। ଏମିତି ପାଖାପାଖି ବର୍ଷେ ବିତିବା ପରେ ପଶ୍ଚିମବଙ୍ଗ ସରକାରଙ୍କ ଅଧୀନରେ ଥିବା ଓମେନ୍ସ ପଲିଟେକ୍‌ନିକ୍ କଲେଜରେ ମୋତେ ଅଧ୍ୟାପିକା ଚାକିରି ମିଳିଗଲା। ଏହି କଲେଜ ମଧ୍ୟ ସିଲିଗୁଡ଼ିରେ ଥିଲା। ତେଣୁ ନିଜ ଫାର୍ମ କଥା ବୁଝିବା ସହିତ ଚାକିରି ବି କଲି। ୟା' ଭିତରେ ମୋର ଗୋଟିଏ ଝିଅ ଓ ଗୋଟିଏ ପୁଅ ହୋଇସାରିଥାଏ। ପିଲାଙ୍କ ପାଠପଢା ପାଇଁ ତଥା ଓଡିଶାରେ ନିଜ ଜ୍ଞାନକୌଶଳ ମାଧ୍ୟମରେ କିଛି କରିଦେଖାଇବା ସକାଶେ ୨୦୦୧ରେ ଅଧ୍ୟାପିକା ଚାକିରି ଛାଡି ଭୁବନେଶ୍ୱର ଚାଲିଆସିଲି। ଆଉ ଏଠି ପଟିଆରେ ପୁଣି ମୋ ନାଁରେ ଏକ କନ୍‌ସଲ୍‌ଟାନ୍ସି ଫାର୍ମ ଖୋଲି ୟା' ଭିତରେ ଅନେକ ସରକାରୀ ତଥା ବେସରକାରୀ ପ୍ରୋଜେକ୍ଟ ଉପରେ କାମ କରିସାରିଲିଣି। ସିଲିଗୁଡ଼ିରେ ଯେମିତି ସମାଜମଙ୍ଗଳ କାମ କରୁଥିଲି ଏଠି ବି ସେହି ଧାରା ମୋର ଜାରି ରହିଛି। ଏପରି କି କୌଣସି ମନ୍ଦିର ତଥା ଆଧ୍ୟାତ୍ମିକ ସ୍ଥଳୀର ଡିଜାଇନିଂ କାମ ମିଳିଲେ ସେଥିପାଇଁ ବି ମୁଁ କୌଣସି ପାରିଶ୍ରମିକ ଆଶା କରେ ନାହିଁ। କେବଳ ସେତିକି ନୁହଁ ମୋର ଏହି କନ୍‌ସଲ୍‌ଟାନ୍ସି ଫାର୍ମ ଉପରେ ପ୍ରାୟ ୧୫୦ରୁ ୨୦୦ ଲୋକ ଯେ ନିର୍ଭର କରି ରୋଜଗାରକ୍ଷମ ହୋଇପାରିଛନ୍ତି, ତାହା ମୋ ପାଇଁ ବଡ଼ ସୌଭାଗ୍ୟର କଥା।

**ଆର୍କିଟେକ୍ଟ ନମିତା ଦାଶ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

# ମନକୁ ମନ ଭାବିଲେ ରଜା, ଅଲଣା ପ୍ରେମରେ ନ ଥାଏ ମଜା

- ଆଜିକାଲି ଅନେକ ପ୍ରେମ ଅଧା ବାଟରେ ଫୁସୁରି ଯାଉଛି। ଏହାର କାରଣ କ'ଣ ?

*–ବିଶ୍ୱଜିତ ସାହୁ, ଅନୁଗୋଳ*

- କହିବା ଆଉ କରିବା ଭିତରେ ଅନେକ ଫରକ ଥାଏ। ପ୍ରେମ କରିବାକୁ ଅନେକେ ଦିନ ରାତି ଭୁଲିଯାଆନ୍ତି। ହେଲେ ଠିକ୍ ବାଟରେ ଗଲେ ଏଥିରୁ ସୁଫଳ ମିଳିଥାଏ। କେତେକଙ୍କୁ ପ୍ରେମ ନିଶା ଏପରି ଘାରିଥାଏ ଯେ ସେମାନେ ଏହାର ଫର୍ମୁଲା ଭୁଲିଯାଆନ୍ତି। ମନକୁ ମନ ନିଜକୁ ରଜା ଭାବିଲେ କ'ଣ ହେବ ? ସେଭଳି ପ୍ରେମରୁ କିଛି ଆଶା କରିବା ମସ୍ତବଡ ଭୁଲ। 'ମନକୁ ମନ ଭାବିଲେ ରଜା, ଅଲଣା ପ୍ରେମରେ ନ ଥାଏ ମଜା'।

- ପ୍ରେମର ପ୍ରଥମ ସିଗ୍‌ନାଲ କାହା ପାଖରୁ ଆସିଥାଏ– ପୁଅ ନା ଝିଅ ?

*–ସତ୍ୟବ୍ରତ ନାୟକ, ପାରାଦୀପ, ଜଗତ୍‌ସିଂହପୁର*

- ଯଦି ପ୍ରେମ କରିବାକୁ ଚାହୁଁଛନ୍ତି ତେବେ ଏଭଳି ଅଡୁଆ ଧନ୍ଦାରେ କାହିଁକି ପଶୁଛନ୍ତି କହିଲେ ? ସିଗ୍‌ନାଲ ଯେଉଁ ପଟରୁ ପ୍ରଥମେ ଆସୁ ନା କାହିଁକି ତାହାକୁ ଠିକ୍ ଭାବରେ ଧରି ପାରିଲେ ହେଲା। ହେଲେ ପ୍ରେମ ଇସାରାରେ ଯଦି ବିଶ୍ୱାସ ଭରି ରହିଥିବ ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ କାମ ହୋଇଗଲା। ହେଲେ ଆଗକୁ ପଛକୁ ଚାହିଁ ପ୍ରେମ ରାସ୍ତାରେ ପାଦ ଦେଲେ ସେଭଳି ପ୍ରେମ ଅଧା ବାଟରେ ଅଟକି ଯିବାର ଯଥେଷ୍ଟ ଚାନ୍ସ ରହିଛି।

- କହିବେ କି ସାଥୀ, ପ୍ରେମିକର ପ୍ରଥମ ପ୍ରେମିକା ଯଦି ଦେଲା ଧୋକା ତେବେ ପ୍ରେମିକ କ'ଣ ରହିବ ଏକା ଏକା, ନା ସେ ବିବାହ କରିବା ପାଇଁ ତାରିଖ କରିବ ପକ୍କା।

*–ବିଜୁ ସାହୁ, ଭୂମିକା ଭେରାଇଟି ଷ୍ଟୋର, ନାଗାବାଲି ବଜାର, କଟକ*

- ପ୍ରେମିକା ଧୋକା ଦେବା ପରେ ସେହି ପ୍ରେମକୁ ଗୁଡବାୟ କରିବା ଦରକାର। ନ ହେଲେ ମନ ଭିତରେ ସେ ଅଲିଭା ନିଆଁ ସେମିତି କୁହୁଳୁ ଥିବ। ତେଣୁ ଧୋକାର ଦୁଃଖ ଭୁଲିବା ପାଇଁ ଯଦି ଆଉ କେଉଁଠି ହୁକ ପକାଇଲେ କେହି ତ ଆପଣଙ୍କୁ ମନା କରିବେ ନାହିଁ। ବାକି ରହିଲା, ବିବାହ କଥା। ଯଦି ଆପଣ ସେଭଳି ପରିସ୍ଥିତିରୁ ମୁକୁଳିବାର 'ବିବାହ' ଏକ ମାତ୍ର ପନ୍ଥା ବୋଲି ଭାବିନିଅନ୍ତି ତେବେ ସେଭଳି ନିଷ୍ପତ୍ତି ନିଜ ଉପରେ ହିଁ ନିର୍ଭର କରେ।

- ମୋତେ ୨ଜଣ ଝିଅ ଦେଖିଦେଇ ହସୁଛନ୍ତି। ମୁଁ କାହାକୁ ପ୍ରେମିକା ଭାବରେ ଗ୍ରହଣ କରିବି ଜାଣିପାରୁନାହିଁ।

*–ସୁବୋଧ କୁମାର, ବାରିପଦା, ମୟୂରଭଞ୍ଜ*

- ପ୍ରେମରେ କେବେ ଡବଲ ଆକ୍ଟିଂ ବ୍ୟବହାର କରିବେ ନାହିଁ। ଜଣେ ଝିଅକୁ ହିଁ ମନ ଦିଅନ୍ତୁ। ଯଦି ଅଡୁଆରେ ପଡୁଛନ୍ତି ତେବେ ଟସ୍ ପକାଇ ଡିସାଇଡ୍ କରନ୍ତୁ ଯେ ସେହି ଦୁଇଜଣଙ୍କ ଭିତରୁ କିଏ ଆପଣଙ୍କ ମନର ମାନସୀ । କେବଳ ଜଣେ ଜଣକୁ ଦେଖି ହସିଦେଲେ କ'ଣ ପ୍ରେମ ହୋଇଯାଏ। ସେହି ହସରେ ଯଦି ପ୍ରେମର ସଜ ଗୋଲାପ ଫୁଟିଥାଏ ତେବେ ତାହାକୁ ଲଭ୍‌ର ପ୍ରଥମ ସିଗ୍‌ନାଲ ଭାବରେ ଗ୍ରହଣ କରିପାରନ୍ତି।



ଭିନ୍ନ ମଣିଷ

# ମଧୁ ଭାଇ



> ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ମିଶିଲି ସେବା ପାଇଁ ବାହାରକୁ ଯିବାବେଳେ ହାତରେଥାଏ ସାଇକେଲ, କାନ୍ଧରେ ଝୁଲାମୁଣି ଓ ସେଥିରେ ଖାଇବାକୁ ରଖିଥାଏ କିଛି ମୁଢ଼ି। ଡାକ୍ତରଖାନାରେ ଯାଇ ରୋଗୀଙ୍କୁ ସାହାଯ୍ୟ କରୁଥିଲି। ଚାରିଆଡ଼େ ପ୍ରଚାର ହୋଇଗଲା ଯାହାର କେହି ନାହାନ୍ତି ତାହାର ମଧୁ ଅଛନ୍ତି ।

ଘରେ ଜେଜେ ନାତି ବସି କଥା ହେଉଥାନ୍ତି। ଜେଜେ କହିଲେ– ଶୁଣୁ, ତୁ ମଧୁବାବୁଙ୍କ ପରି ହେବୁ। ଭଲ କାମ କରିବୁ। ସମାଜ ସେବାରେ ଲାଗିପଡ଼ିବୁ । ଅନ୍ୟକୁ ସାହାଯ୍ୟ କରିବୁ। ଏସବୁ ଯଦି ନ କରୁ ତେବେ ତତେ ଘରୁ ତଡ଼ିଦେବି। ଜେଜେଙ୍କର ଏମିତି କଥାକୁ ଶୁଣି ମୁଣ୍ଡ ହଲାଇ ସମ୍ମତି ଜଣାଉଥିଲେ ନାତି । କିନ୍ତୁ ସମାଜସେବା କ'ଣ ତାଙ୍କୁ ଜଣା ନ ଥାଏ। ମାତ୍ର ପିଲାଟି ଦିନରୁ ସେ ମଧୁବାରିଷ୍ଟର, ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ଶୁଣି ବେଶ୍ ଖୁସି ହୋଇପଡୁଥିଲେ। ସେ ହେଲେ ମଧୁସୂଦନ ଦାସ(କୁନା)। ଜନ୍ମ ୨୯ଜୁଲାଇ ୧୯୬୬ ମସିହାରେ। ପିତା କିଶୋର ଚନ୍ଦ୍ର ଦାସ। ମା' ବିଦ୍ୟୁଲତା। ଘର କଟକ ଜିଲାର ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁରରେ। ପ୍ରାଥମିକ ଶିକ୍ଷାଲାଭ କରନ୍ତି ନଳିପୁର ପ୍ରାଥମିକ ସ୍କୁଲରେ। ପାଠପଢ଼ା ସହିତ ଅନ୍ୟାନ୍ୟ କାମରେ ସେ ଆଗଭର ଥିଲେ। ସାଙ୍ଗପିଲାମାନେ ସ୍କୁଲରେ ଥଟ୍ଟାରେ ବି କହୁଥିଲେ ଦେଖ ଆମ ମଧୁବାବୁ ଆସିଗଲେ। ହେଲେ ଏଭଳି ସମ୍ବୋଧନ ମଧୁଙ୍କୁ ଆନନ୍ଦ ଦେଉଥିଲା। ସେ ନିଜେ ମଧୁବାବୁଙ୍କ ଆଦର୍ଶକୁ ଅନୁକରଣ କରି ମଧୁବାରିଷ୍ଟରଙ୍କ ପରି ହେବାକୁ ମନେମନେ ଉଦ୍ୟମ କରିଲେ। ଏଥିପାଇଁ ସାମାଜିକ କାମ କରୁ କରୁ କେତେବେଳେ ସେ ଭିନ୍ନ ଜଣେ ମଧୁବାବୁ ପାଲଟିଗଲେ ତାହା ତାଙ୍କୁ ଜଣା ନ ଥିଲା। ସେ କୁହନ୍ତି, ଘରର ପରିସ୍ଥିତି ସ୍ୱଚ୍ଛଳ ନ ଥିଲା। ଲଳିତଗିରି ଉଚ୍ଚବିଦ୍ୟାଳୟ ଏବଂ ସାହାସପୁରରେ ପଢିଲି। ତା' ପରେ ଉଚ୍ଚଶିକ୍ଷା ପାଇଁ ଯେତେବେଳେ କଟକ ଆସିଲି ସେତେବେଳେ ଘରୁ ସାଥିରେ ଗୌଣିଏ ଚୁଡ଼ା, ପଚାଶ ଟଙ୍କା, ଟ୍ରଙ୍କରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଧରି ଏକ ପୁରୁଣା ସାଇକେଲରେ କଟକରେ ପହଞ୍ଚିଲି। କେଉଁଠି ରହିବି ପ୍ରଥମେ ଚିନ୍ତିତ ହୋଇପଡ଼ିଥିଲି। ଘରଭଡ଼ା ଦେବାକୁ ପାଖରେ ପଇସା ନ ଥିଲା। ଖୋଜୁ ଖୋଜୁ ଗୋଟିଏ ଭଙ୍ଗାଘର ମିଳିଯାଇଥିଲା, ତାହା ଥିଲା ଆଚାର୍ଯ୍ୟ ହରିହର କ୍ୟାନସର ଡାକ୍ତରଖାନା ପରିସରରେ ଥିବା ବ୍ରିଟିଶ ଅମଳର ପୁରୁଣା ଭଙ୍ଗାଘର। ସେଠାରେ ଆଶ୍ରୟ ନେଲି। କେତେବେଳେ ଚୁଡ଼ାଗୁଡ଼ ଖାଏ ତ ପୁଣି କେବେ ପାଣି ପିଏ । ଏମିତି ବିତିଲା ପ୍ରାୟ ୬ମାସ । ତା'ପରେ କିଛି ପିଲାଙ୍କୁ ଟ୍ୟୁଶନ କରି ନିଜର ପଢାକଥା ବୁଝିଲି। ସ୍କୁଲଠାରୁ କଲେଜ ପଢା ଯାଏ ଧୋତିପିନ୍ଧି ପଢିବାକୁ ଯାଉଥିବାରୁ ଅନ୍ୟମାନଙ୍କ ଦୃଷ୍ଟିରେ ଏକ ନିଆରା ପରିଚୟ ସୃଷ୍ଟିହେଲା। ସେତେବେଳେ ରେଭେନ୍ସାରେ ପାଠପଢୁଥାଏ। ରାଧାନାଥ ରଥଙ୍କ ସହ ରିଲିଫ ବଣ୍ଟନ ପାଇଁ ଭୁବନକୁ ଯାଇଥିଲି। ୧୯୮୫ ମସିହାରେ କଟକ ବାରବାଟୀ ଠାରେ ଆୟୋଜିତ ଆନ୍ତର୍ଜାତୀୟ ଯୁବମହୋତ୍ସବ ଅବସରରେ ଗାନ୍ଧିବାଦୀ ସୁବାରାଓଙ୍କ କାର୍ଯ୍ୟକ୍ରମରେ ଯୋଗଦେଲି । ତାଙ୍କ ସାକ୍ଷାତ୍ ମୋ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ମିଶିଲି ସେବା ପାଇଁ ବାହାରକୁ ଯିବାବେଳେ ହାତରେଥାଏ ସାଇକେଲ, କାନ୍ଧରେ ଝୁଲାମୁଣି ଓ ସେଥିରେ ଖାଇବାକୁ ରଖିଥାଏ କିଛି ମୁଢ଼ି। ଡାକ୍ତରଖାନାରେ ଯାଇ ରୋଗୀଙ୍କୁ ସାହାଯ୍ୟ କରୁଥିଲି । ଚାରିଆଡ଼େ ପ୍ରଚାର ହୋଇଗଲା ଯାହାର କେହି ନାହାନ୍ତି ତାହାର ମଧୁ ଅଛନ୍ତି। ସମୟକ୍ରମେ ସର୍ବୋଦୟ ପରିବାର ସହ ଭଲ ସମ୍ପର୍କ ହେଲା। ଓ୍ୱାର୍ଦ୍ଧାରେ ଆୟୋଜିତ ସେବା ଶିବିରରେ ଯୋଗ ଦେଇଥିଲି । ଅନ୍ୟମାନେ ମୋତେ ମଧୁ ଭାଇ ଡାକିଲେ। ଥରେ ଉତ୍ତରକାଶିରେ ଥିବାବେଳେ ସନ୍ନ୍ୟାସୀ ହେବି ବୋଲି ମୁଣ୍ଡରୁ ଚୁଟିକାଟି ଲଣ୍ଡା ହୋଇଯାଇଥିଲି। ସେଠାରେ ୧୦ ଏକର ସମ୍ପତ୍ତି ଥିବା ଏକମଠରେ ରହିବା ପାଇଁ ଜଣେବ୍ୟକ୍ତି କହିଲେ। ହେଲେ ଏ କଥା ସୁବାରାଓ ଜାଣି ମତେ କହିଲେ, ଆମେ ସନ୍ନ୍ୟାସୀ ଭଳି ଦେଶର କୋଣେ ଅନୁକୋଣେ ଭାଇଚାରାର ସଦ୍ଭାବ ବଣ୍ଟନ କରିବା। ତା' ପରେ ସେ ମଠ ଛାଡିଦେଇଥିଲି। ମୋର ମନେପଡୁଛି ୯ମରେ ପଢୁଥିବା ବେଳେ ମାର୍ଶାଘାଇ ବନ୍ୟା ଘଟିଥିଲା। ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ଗାଁଗାଁ ବୁଲି ଚୁଡ଼ା ଗୁଡ଼ ସଗ୍ରହକରି ବଣ୍ଟନ କରିଥିଲୁ। ୧୯୯୯ ମହାବାତ୍ୟା, ୨୦୦୧ମସିହା ବନ୍ୟା,୨୦୦୪ମସିହା ସୁନାମି,୨୦୧୩ ଫାଇଲିନ,୨୦୧୪ ହୁଡ଼ହୁଡ଼ ଆଦି ପ୍ରାକୃତିକ ଦୁର୍ବିପାକ ବେଳେ ବିଭିନ୍ନ ସଂଗଠନ ସହିତ ସେବା କାର୍ଯ୍ୟରେ ଯାଉଥିଲି। ଏବେ ଜାତୀୟ ଯୁବପ୍ରକଳ୍ପର ରାଷ୍ଟ୍ରୀୟ ନ୍ୟାସ ଓଡ଼ିଶା ଆବାହକ। ଏନ.ଏସ.ଏସ. ରାଜ୍ୟ ଉପଦେଷ୍ଟା ଓ ରାଜ୍ୟ ସରକାରଙ୍କ ସକ୍ରିୟ ନାଗରିକତାର ଉପଦେଷ୍ଟା ଅଛି। ବିଭିନ୍ନ ସମୟରେ ପ୍ରାୟ ୫ଶହ ଯୁବଶିବିରରେ ଯୋଗ ଦେଇସାରିଛି। ଆମେରିକା, ଇଂଲଣ୍ଡ, ଜର୍ମାନ, କାନାଡ଼ା, ସ୍କଟଲାଣ୍ଡ, ଆୟର୍ଲାଣ୍ଡ, ମାଲେସିଆ, ସିଙ୍ଗାପୁର, ନେପାଳ, ବାଂଲାଦେଶ ଆଦି ଦେଶକୁ ସେବା କାର୍ଯ୍ୟ ଓ ଆଲୋଚନାଚକ୍ରରେ ଯୋଗ ଦେଇ ବିଭିନ୍ନ ଅନୁଭୂତିକୁ ସାଉଁଟିଛି। କମନ ଓ୍ୱେଲ୍‌ଥର ସାଉଥ୍ ଏସିଆର ୟୁଥ୍ ଆମ୍ବାସାଡ଼ର ଥିଲି। ଗାନ୍ଧୀ ବିଚାର, ପ୍ରଚାରର ପ୍ରସାରଣ କରୁଥିବା ଡ. ସୁବାରାଓଙ୍କ ସହଯୋଗରେ ଅନ୍ତର୍ଜାତୀୟ ଶିବିରରେ ଭାଗନେଇଛି। ମୋର ଦୁଇଟି ଗୀତ ନୌ ଯବାନ, ଏବଂ ଆମ ଗାଁ ମତେ ଭଲ ଲାଗେରେ..। ଏହା ସ୍କୁଲକଲେଜ ପିଲାଙ୍କ ମଧ୍ୟରେ ପ୍ରେରଣା ଦେଇଛି। ବିଭିନ୍ନ ସମୟରେ ରକ୍ତଦାନ ଶିବିର, ବୃକ୍ଷରୋପଣ, ଯୁବକମାନଙ୍କୁ ସ୍ୱେଚ୍ଛାସେବୀ ମନୋବୃତ୍ତି ପାଇଁ ଉତ୍ସାହିତ କରିଥାଏ। ସାମାଜିକ କାର୍ଯ୍ୟରେ ଐତିହ୍ୟ ସଦ୍‌ଭାବନା ପାଇଁ ଶାନ୍ତିସଦ୍ଭାବନା ପୁରସ୍କାର-୨୦୧୭, କର୍ମବୀର ଇଣ୍ଟରନ୍ୟାଶନାଲ ପୁରସ୍କାର-୨୦୧୬, ସ୍ପିରିଟ ଅଫ୍ ଦ ସୁବାରାଓ ନ୍ୟାଶନାଲ ପୁରସ୍କାର- ୨୦୧୬, ଶ୍ରେଷ୍ଠ ସମାଜସେବୀ ପୁରସ୍କାର-୨୦୧୬ ସମେତ ବହୁ ପୁରସ୍କାର ମିଳିଛି।



– ବନବିହାରୀ ବେହେରା

## ଗାଁ- ଯେଉଁଠି ଗଛରେ ବନ୍ଧାଯାଏ ରାଖୀ



ଜଙ୍ଗଲ ସୁରକ୍ଷା ଓ ପ୍ରକୃତିକୁ ରକ୍ଷା କରିବା ପାଇଁ ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ହେଲେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ତାହା ସୁଫଳ ହୋଇପାରୁନାହିଁ। ତେବେ ଏମିତି ଏକ ଗାଁ ଅଛି ଯେଉଁଠିକାର ଲୋକେ ପରିବେଶକୁ ନେଇ ବେଶ୍ ସଚେତନ। ସେଇଥିପାଇଁ ତ ନିଜେ ସୃଷ୍ଟି କରିଛନ୍ତି ଏକ ଜଙ୍ଗଲ। ଆଉ ସମୟ ବାହାର କରି ତା'ର ସେବା, ଯତ୍ନ ବି କରୁଛନ୍ତି। ଏଇ ଗାଁଟି ହେଉଛି ନୟାଗଡ଼ ଜିଲା ସଦର ବ୍ଲକ, କେନ୍ଦୁଡିପି ପଞ୍ଚାୟତର କେନ୍ଦୁଡିପି। ୩୧୪ ପରିବାର ବିଶିଷ୍ଟ ଏହି ଗାଁର ଲୋକେ ନିଜ ଉଦ୍ୟମରେ ଗାଁ ନିକଟସ୍ଥ ଟାଙ୍ଗରା ପାହାଡ଼କୁ ସବୁଜିମାରେ ଭରିଛନ୍ତି। ଆଉ ନିଜ ହାତରେ ଗଢିଥିବା ଜଙ୍ଗଲକୁ ସେମାନେ ପ୍ରତିଦିନ ଠେଙ୍ଗା ପାଳି କରି ଜଗିବାକୁ ଯାଆନ୍ତି । ୫ରୁ ୬ ଜଣ ଗ୍ରାମବାସୀ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜଗନ୍ତି। ସନ୍ଧ୍ୟା ନଇଁଲେ କାଳେ ଅନ୍ଧାରର ଫାଇଦା ନେଇ ଜଙ୍ଗଲର କେଉଁଠି କାଠ ମାଫିଆଙ୍କ ଲୁଟ ଚାଲିଥିବ ତାକୁ ତଦାରଖ କରିବାକୁ ଗାଁର କିଛି ମୁଖିଆ ଜଙ୍ଗଲକୁ ଯାଆନ୍ତି। ଏମିତି ପ୍ରତିଦିନ ଜାରି ରହେ ଏହି କାର୍ଯ୍ୟ। ଖାଲି ସେତିକି ନୁହେଁ ଗଛ ପ୍ରତି ନିଜର ଭଲ ପାଇବା ଜଣାଇବା ପାଇଁ ପ୍ରତିବର୍ଷ ଗହ୍ମାପୂର୍ଣ୍ଣିମା (ରକ୍ଷାବନ୍ଧନ)ରେ ପାଳନ କରାଯାଏ ନିଆରା ପର୍ବ। ଆଖପାଖ ୫ ଖଣ୍ଡ ଗ୍ରାମରୁ ଲୋକମାନେ ପାହାଡ଼କୁ ଯାଇ ସେଠାରେ ଥିବା ଶୁକ୍ରମଲ୍ଲୀ ଠାକୁରାଣୀଙ୍କୁ ପୂଜା କରନ୍ତି। ଏହା ପରେ ଗଛର ଯତ୍ନ ନେବା ସହ ନିଜର ସ୍ନେହ ଜଣାଇବା ପାଇଁ ଗଛରେ ରାଖୀ ବାନ୍ଧନ୍ତି। ଗ୍ରାମ ସଭାପତି ଅକ୍ରୂର ବେହେରା କହନ୍ତି,''ପ୍ରତିବର୍ଷ ଗହ୍ମାପୂର୍ଣ୍ଣିମାରେ ଦର୍ପନାରାୟଣପୁର, ଖଡିଆ, କାକଲମା, ବୁନ୍ଦାପଲ୍ଲୀ, କେନ୍ଦୁଡିପି, ଖଇରପଟି ପ୍ରଭୃତି ଗ୍ରାମର ଲୋକମାନେ ପାହାଡ଼କୁ ଯାଇ ସେଠାରେ ପର୍ବ ପାଳନ କରନ୍ତି। ଭୋଜି ଭାତ କରି ଖାଇବା ସହ ଗଛରେ ରାଖୀ ବାନ୍ଧନ୍ତି। ବାଜା ବଜାଇ ପାହାଡ଼କୁ ଯାଆନ୍ତି, ପରିବେଶ ପୂରା ଭକ୍ତିମୟ ହୋଇପଡେ। ଭକ୍ତି ଓ ବୃକ୍ଷ ପ୍ରେମରେ ବନ୍ଧା ଏହି ପର୍ବ ସତରେ ନିଆରା।' ଗ୍ରାମର ଚରଣ ସାହୁ କହନ୍ତି, 'ଗାଁ ଲୋକଙ୍କର ଜଙ୍ଗଲ ଓ ପରିବେଶ ପ୍ରତି ଭଲ ପାଇବା ଏହି ପର୍ବରୁ ବାରି ହୋଇପଡେ। ସମସ୍ତେ ଗଛକୁ ରାଖୀ ବାନ୍ଧି ଜଙ୍ଗଲକୁ ସୁରକ୍ଷା ଦେବାର ପ୍ରତିଜ୍ଞା ନିଅନ୍ତି। ଏହି ପର୍ବ ଓ ପାହାଡ ଉପରେ ବିରାଜମାନ ଦେବୀଙ୍କ ମହିମା ଯେମିତି ଅପାର ଏଠାରେ ଥିବା ଏକ ଚମତ୍କାରୀ ପାଣି କୁଣ୍ଡର କଥା ବି ନିଆରା। ଏହା ମଧ୍ୟରେ ସବୁ ଋତୁରେ ପାଣି ରହେ। କେତେବେଳେ ପାଣି କମେ ନାହିଁ କି ପାଣିର ଗଭୀରତା ମାପିବାକୁ ଚେଷ୍ଟା କଲେ ମଧ୍ୟ ଜଣାପଡ଼େ ନାହିଁ। ତେଣୁ ଏହି ସ୍ଥାନ ପ୍ରତି ଯଦି ସରକାରଙ୍କ ନଜର ପଡନ୍ତା ଓ ତା'ର ଉନ୍ନତି ପାଇଁ ପଦକ୍ଷେପ ନିଆଯାଆନ୍ତା ତେବେ ଗ୍ରାମବାସୀ ବେଶ୍ ଉପକୃତ ହୁଅନ୍ତେ।'

– ରଞ୍ଜନ କୁମାର ପ୍ରଧାନ

## ଅନୁମିତା



((ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡେ ନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।))

ଫଟୋ ସୌଜନ୍ୟ
କୁମାର ଶରତ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ : ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, ଫୋନ୍ ନଂ : (୦୬୭୪) ୨୫୮୦୧୦୧

## ହାଃ... ହାଃ...

### ପାଠପଢା

ଜଣେ ବୃଦ୍ଧ ବ୍ୟକ୍ତି ପପୁକୁ- ଆରେ ଟଗଲା, ତୋ ପଢାପଢି କେମିତି ଚାଲିଛି ?
ପପୁ- ଠିକ୍ ଆପଣଙ୍କ ପରି।
ବୃଦ୍ଧ ବ୍ୟକ୍ତି- ମାନେ ?
ପପୁ- ଭଗବାନଙ୍କ ଭରସାରେ....।

### ଫୁଲ୍‌ଝଡ଼ି

ଗୋଲୁ ମା'ଙ୍କୁ- ମାମା, ଏଥର ଦୀପାବଳିରେ ଆମେ ଏଇଠୁ ବାଣ ନେବା।
ମା'- ଏଠୁ କେମିତି ନେବୁ। ଏଇଟା ପରା ଗର୍ଲସ୍ ହଷ୍ଟେଲ।
ଗୋଲୁ- ନା ମାମା ତମେ ଜାଣିନ। ବାପା କହନ୍ତି ସବୁ ପଟାଖା, ଫୁଲ୍‌ଝଡି ଏଇଠି ରହନ୍ତି।

### ଧନୀ

ପପୁ ବାପାଙ୍କୁ- ବାପା, ତମେ ଆଉ ଟଙ୍କା ପାଇଁ ଚିନ୍ତା କରନି। କାଲିଠୁ ଆମେ ମାଲାମାଲ୍ ହେଇଯିବା।
ବାପା- କେମିତି ?
ପପୁ- କାଲି ପରା ଆମ ସାର୍ ଆମକୁ ପଇସାକୁ କେମିତି ଟଙ୍କାରେ ପରିଣତ କରାଯିବ ଶିଖେଇବେ।



# ନମେରି ରାଷ୍ଟ୍ରୀୟ ଉଦ୍ୟାନ

**ଦୁଇ ଶହ ବର୍ଗ କି.ମି. ବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଏହି ରାଷ୍ଟ୍ରୀୟ ଉଦ୍ୟାନଟିର ଉତ୍ତର ସୀମା ଅରୁଣାଚଳ ପ୍ରଦେଶସ୍ଥିତ ପାଖୁଇ ବନ୍ୟପ୍ରାଣୀ ଅଭୟାରଣ୍ୟ ସହ ଲାଗି ଥିବାର ସୂଚନା ମଧ୍ୟ ରହିଛି।**













ଆସାମର ସୋନିତ୍‌ପୁର ଜିଲାରେ ନମେରି ରାଷ୍ଟ୍ରୀୟ ଉଦ୍ୟାନ ଅବସ୍ଥିତ। ସ୍ଥାନୀୟ ତେଜପୁର ସହରଠାରୁ ଏହା ପ୍ରାୟ ୩୫ କି.ମି. ଦୂର। ଅନ୍ୟପକ୍ଷେ ଉକ୍ତ ଉଦ୍ୟାନଠାରୁ ପ୍ରାୟ ୯ କି.ମି. ଦୂରରେ ଅଛି ଚାରିଦୁଆର ନାମକ ଏକ ଗାଁ। ପ୍ରାୟ ଦୁଇ ଶହ ବର୍ଗ କି.ମି. ବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଏହି ରାଷ୍ଟ୍ରୀୟ ଉଦ୍ୟାନଟିର ଉତ୍ତର ସୀମା ଅରୁଣାଚଳ ପ୍ରଦେଶସ୍ଥିତ ପାଖୁଇ ବନ୍ୟପ୍ରାଣୀ ଅଭୟାରଣ୍ୟ ସହ ଲାଗି ଥିବାର ସୂଚନା ମଧ୍ୟ ରହିଛି।

### ଇତିହାସ

୧୯୭୮ରେ ଏହାକୁ ଏକ ସଂରକ୍ଷିତ ଜଙ୍ଗଲ ଭାବେ ପ୍ରଥମେ ଘୋଷଣା କରାଯାଇଥିଲା। ପରେ ୧୯୮୫ରେ ପାଖାପାଖି ୧୩୭ ବର୍ଗ କି.ମି. ଅଞ୍ଚଳକୁ ନେଇ ନମେରି ଅଭୟାରଣ୍ୟ ଗଢି ଉଠିଥିଲା। ଶେଷରେ ୧୯୯୮ରେ ଏହାକୁ ଏକ ରାଷ୍ଟ୍ରୀୟ ଉଦ୍ୟାନର ମାନ୍ୟତା ମିଳିଥିଲା।

### କ'ଣ ଦେଖିବେ

ଏହି ରାଷ୍ଟ୍ରୀୟ ଉଦ୍ୟାନଟି ବିଭିନ୍ନ ବନସ୍ପତି ତଥା ବିରଳ ପଶୁପକ୍ଷୀଙ୍କର ଏକ ଆବାସସ୍ଥଳୀ ଭାବେ ବେଶ୍ ନାଁ କରିପାରିଛି। ଏଠାରେ ମୁଖ୍ୟତଃ ବହୁ ସଂଖ୍ୟାରେ ହାତୀ ଦେଖିବାକୁ ମିଳିଥାନ୍ତି। କେବଳ ହାତୀ ନୁହେଁ, ବାଘ, ଚିତାବାଘ, ଶମ୍ବର, ଜଙ୍ଗଲୀ କୁକୁର, ଘୁଷୁରି ଜାତୀୟ ଏକ ପ୍ରାଣୀ, ଗୟଳ, ଚିତ୍ରା ବିଲେଇ, ଦ.ପୂ.ଏସିଆର କ୍ଷୁଦ୍ର ହରିଣ ବା ମୃଗ, ବାର୍‌ହା, ଭାଲୁ, ମାଙ୍କଡ, ଜଙ୍ଗଲି ଗୁଣ୍ଡୁଚିମୂଷା ଇତ୍ୟାଦି ବି ଏଠାରେ ଦେଖାଯାଇଥାନ୍ତି। ଅନ୍ୟପକ୍ଷେ ପକ୍ଷୀପ୍ରିୟ ପର୍ଯ୍ୟଟକଙ୍କ ପାଇଁ ବି ଏହା ଏକ ଉପଯୁକ୍ତ ସ୍ଥାନ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। କାରଣ ଏଠାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି। ତନ୍ମଧ୍ୟରୁ ଧଳା ରଙ୍ଗର ଡେଣା ଥିବା ଏକ ଜାତୀୟ ବତକ, ଗେଣ୍ଡାଳିଆ ଜାତୀୟ ପକ୍ଷୀ, କଳା ରଙ୍ଗର ବଗ ଜାତୀୟ ପକ୍ଷୀ, ଲମ୍ବା ଥଣ୍ଟ ଓ ଲମ୍ବା ଗୋଡ ଥିବା ଏକପ୍ରକାର ପାଣିଚଲା ପକ୍ଷୀ, ନୀଳ ରଙ୍ଗର ବେକ ଥିବା ଓ ମହୁମାଛିଙ୍କୁ ଖାଉଥିବା ଏକ ଜାତୀୟ ପକ୍ଷୀ ଇତ୍ୟାଦିଙ୍କୁ ବି ପର୍ଯ୍ୟଟକ ଏହି ରାଷ୍ଟ୍ରୀୟ ଉଦ୍ୟାନରେ ଦେଖିବାକୁ ପାଇପାରିବେ। ଏସବୁ ବ୍ୟତୀତ ବହୁ ସଂଖ୍ୟାରେ ଔଷଧୀୟ ବୃକ୍ଷ ବି ଏଠାରେ ଲଗାଯାଇ ସେମାନଙ୍କର ସୁରକ୍ଷା ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଥାଏ। କେବଳ ସେତିକି ନୁହେଁ ଉଦ୍ୟାନ ମଧ୍ୟ ଦେଇ ଛୋଟ ବଡ଼ ହୋଇ ଏକାଧିକ ନଦୀ ମଧ୍ୟ ପ୍ରବାହିତ ହୋଇଛି, ଯାହା ଏକ ଆକର୍ଷଣୀୟ ପରିବେଶ ସୃଷ୍ଟି କରିଥାଏ।

### ରିଭର୍ ରାଫ୍ଟିଂ ସହ ଫିଶିଂର ମଜା ନେବେ


ଉଦ୍ୟାନ ମଧ୍ୟ ଦେଇ ବହି ଯାଉଥିବା ନଦୀରେ ଫିଶିଂ ପାଇଁ ବେଶ୍ ସୁବିଧା ରହିଛି। ଯେଉଁ ପର୍ଯ୍ୟଟକଙ୍କର ଏଥିପ୍ରତି ରୁଚି ରହିଛି, ସେମାନେ ଏହାର ଭରପୂର ମଜା ଉଠାଇପାରିବେ। ସେହିପରି ଆଗନ୍ତୁକ ଚାହିଁଲେ ଏଠାରେ ରିଭର୍ ରାଫ୍ଟିଂର ମଧ୍ୟ ଆନନ୍ଦ ଉଠାଇପାରିବେ।


### କେମିତି ଯିବେ

ଗମନାଗମନର ବେଶ୍ ଭଲ ବ୍ୟବସ୍ଥା ରହିଛି ଏଠାରେ। ପାଖାପାଖି ୩୦ କି.ମି. ଦୂରରେ ଥିବା ତେଜପୁର୍ ଏୟାର୍‌ପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର। ସେହିପରି ରଙ୍ଗାପଡ଼ା ନର୍ଥ ଜଙ୍କ୍‌ସନ ରେଲୱେ ଷ୍ଟେଶନ ହେଉଛି ଏହି ରାଷ୍ଟ୍ରୀୟ ଉଦ୍ୟାନର ନିକଟବର୍ତ୍ତୀ ରେଲଷ୍ଟେଶନ।









### କେବେ ଯିବେ

ବର୍ଷର ସବୁ ସମୟରେ ନମେରି ରାଷ୍ଟ୍ରୀୟ ଉଦ୍ୟାନକୁ ବୁଲି ଯିବାର ସୁବିଧା ରହିଛି। ତେବେ ନଭେମ୍ବରରୁ ମେ' ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଭଲ ସମୟ। ବାକି ବର୍ଷାଦିନେ ଏଠାକୁ ଗଲେ ପ୍ରାକୃତିକ ପରିବେଶର ଦୃଶ୍ୟ ଆକର୍ଷଣୀୟ ଲାଗିଥାଏ ସତ କିନ୍ତୁ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବା ଆଉ ରିଭର୍ ରାଫ୍ଟିଂର ମଜା ନେବାରେ ସାମାନ୍ୟ ବ୍ୟତିକ୍ରମ ଦେଖାଯାଇଥାଏ।

# ବ୍ୟାଙ୍କ- ଯେଉଁଠି ରୋବଟ୍ କରନ୍ତି କାମ






ଚାଇନାର ସାଂଘାଇରେ ଏମିତି ଏକ ବ୍ୟାଙ୍କ ଅଛି, ଯାହା ସାରା ଦୁନିଆରେ ଚର୍ଚ୍ଚିତ। ଏ ହେଉଛି ପୃଥିବୀର ପ୍ରଥମ ବ୍ୟାଙ୍କ, ଯେଉଁଠି କୌଣସି କର୍ମଚାରୀ ନାହାନ୍ତି। କହିବାକୁ ଗଲେ ଉକ୍ତ ବ୍ୟାଙ୍କରେ ନାହାନ୍ତି ଜଣେ ବି ମଣିଷ। ଉକ୍ତ ପର୍ସନଲେସ୍ ବ୍ୟାଙ୍କର ନାଁ ହେଉଛି 'ଚାଇନା କନଷ୍ଟ୍ରକ୍ସନ ବ୍ୟାଙ୍କ'। ଏହା ଏବେ ସମ୍ପୂର୍ଣ୍ଣଭାବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଫେସ୍ ରିକଗନିଶନ୍ ଓ ଭର୍ଚୁଆଲ୍ ରିୟାଲିଟି ଉପରେ ଆଧାରିତ। ଏଠି ସବୁ କାମ ପାଇଁ ରୋବଟ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବାଲା ମେଶିନ୍ ଲାଗିଛି। ଯାହା ଗ୍ରାହକଙ୍କ ପ୍ରତ୍ୟେକ କାମକୁ ସହଜ କରିଥାଏ। ଏଠାକାର ବିଶେଷ ଆକର୍ଷଣ ହେଉଛି ଏଠାକାର ରୋବଟ୍। ଏହି ରୋବଟ୍ ମଣିଷଙ୍କୁ କ୍ୟାମେରା ଓ ଅନ୍ୟ ସେନ୍ସର ଦ୍ୱାରା ଦେଖନ୍ତି ଓ ବୁଝନ୍ତି। ତା'ସହ ସେମାନଙ୍କ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ସକ୍ଷମ କରାଇଥାଏ। ବ୍ୟାଙ୍କ ମଧ୍ୟକୁ କୌଣସି ଗ୍ରାହକ ପ୍ରବେଶ କରିବା ମାତ୍ରେ ହିଁ ଏକ ଇଣ୍ଟେଲିଜେଣ୍ଟ ହ୍ୟୁମାନୋଏଡ୍ ରୋବଟ୍ ସେମାନଙ୍କୁ ସ୍ୱାଗତ କରିଥାଏ। ଗ୍ରାହକମାନେ ନିଜ କାମ ସମ୍ବନ୍ଧିତ ସବୁ ପ୍ରଶ୍ନ ସେମାନଙ୍କୁ ପଚାରିପାରିବେ। ଆଉ ସେ ବିନା ଦ୍ୱିଧାରେ ତା'ର ଉତ୍ତର ଦେବେ। ଏହି ରୋବଟ୍ ଓ ସ୍ମାର୍ଟ ମେଶିନ୍ କୌଣସି କର୍ମଚାରୀଙ୍କ ଭଳି ଗ୍ରାହକଙ୍କ ଆକାଉଣ୍ଟ ଖୋଲିବା ସହ ମନି ଟ୍ରାନ୍ସଫର୍ ପର୍ଯ୍ୟନ୍ତ ସବୁ କାମ କରିପାରନ୍ତି। ହେଲେ ବିଶେଷଜ୍ଞମାନେ କହନ୍ତି, ମଣିଷ ଭଳି ରୋବଟ୍ କେବେ ବି ହୋଇପାରିବେ ନାହିଁ। ମଣିଷର ବୁଦ୍ଧିଠାରୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବହୁ ଦୂରରେ। ତେଣୁ ଏମାନେ କେବେ ବି କର୍ମଚାରୀଙ୍କ ସ୍ଥାନ ନେଇପାରିବେ ନାହିଁ।






## କାର୍ଟୁନ କର୍ନର



ମଞ୍ଚ ମାୟା

# ହାସ୍ୟାଭିନେତା ହିଁ ଅସଲ ନାୟକ



ସେ ମଞ୍ଚକୁ ଆସିଲେ ଦର୍ଶକଙ୍କ ଓଠରେ ହସ ଖେଳେ। ଡାଏଲଗ୍ କହିଲେ ମନଭୁମନ ତାଳି ବର୍ଷା ହୁଏ। ଏଠାରେ ଯାହାଙ୍କ କଥା କୁହାଯାଉଛି ସେ ହେଉଛନ୍ତି ଓଡ଼ିଆ ଯାତ୍ରା ଜଗତର ଅନ୍ୟତମ ଅଗ୍ରଣୀ ହାସ୍ୟ ଅଭିନେତା ନରି ପଣ୍ଡା। ଡେଙ୍ଗା ପତଳା ନହନହକା ଚେହେରାର ଏଇ ମଣିଷଙ୍କୁ ଦେଖିଲେ ଲାଗେ ସତେ ଯେମିତି ସେ ହେଉଛନ୍ତି ହସର ଏକ ଗନ୍ତାଘର; ଯାହାଙ୍କର କେବଳ ଗୋଟିଏ ଉଦ୍ଦେଶ୍ୟ ଦର୍ଶକଙ୍କୁ ହସେଇ ହସେଇ ସବୁ ଦୁଃଖ ସବୁ ଅବଷାଦକୁ ଦୂର କରିଦେବା। ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ୍ ଅନ୍ତର୍ଗତ ଟିଲୋ ଦେବତାଗଡ଼ିଆରେ ତାଙ୍କର ଜନ୍ମ। ବାପା ଲକ୍ଷ୍ମୀଧର ପଣ୍ଡା ଓ ମା' ସାକ୍ଷୀ ପଣ୍ଡାଙ୍କର ସେ କୋଳପୋଛା ପୁଅ। ବାପା ଥିଲେ ମନ୍ଦିର ପୂଜକ। ସେ ଚାହୁଁଥିଲେ ପୁଅ ପୂଜାପାଠ ଶିଖୁ। ମା'ଙ୍କର କିନ୍ତୁ ସେମିତି କିଛି ଆକଟ ନଥିଲା। ପାଖରେ ଥିଲା ବହୁ ପ୍ରସିଦ୍ଧ ଯାତ୍ରାପାର୍ଟି 'ଓଡ଼ିଶା ଅପେରା'। ନରି ନାଟକ ଦେଖୁଥିଲେ। ସେଇଆକୁ ସାଙ୍ଗ ମେଳରେ ପୁନରାବୃତ୍ତି କରୁଥିଲେ। ପାଠପଢ଼ା ମାତ୍ର ତୃତୀୟ ଶ୍ରେଣୀ। ମଧ୍ୟବିତ୍ତ ପରିବାରର କଷଣ। ନରି ଯୋଗ ଦେଲେ ତ୍ରିନାଥ ଗଣନାଟ୍ୟରେ। ନାଟକ ଥିଲା ଅନନ୍ତ ଓଝାଙ୍କ ବହୁ ଲୋକପ୍ରିୟ ନାଟକ 'ଶୂନ୍ୟସ୍ଥାନ ପୂରଣ କର'। ନିର୍ଦ୍ଦେଶକ ଲିଟିଲ ମାଷ୍ଟର ବିନୋଦ ରାଉତ। ସେଇମାନଙ୍କୁ ଗୁରୁ କରି ଆରମ୍ଭ କଲେ ନାଟ୍ୟ ଯାତ୍ରା। ୟା ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ନାଟକରେ ସେ ଅଭିନୟ କରିସାରିଛନ୍ତି। ତାଙ୍କ ସଫଳତାର ଆଉ ଏକ ନାଟକ ହେଉଛି ସ୍ୱର୍ଗତ ମୀନକେତନ ଦାସ ନିର୍ଦ୍ଦେଶିତ କୋଣାର୍କ ଗଣନାଟ୍ୟର 'କଉଡ଼ି ଖେଳ'। ତାଙ୍କ ଯାତ୍ରା ଜୀବନରେ ସେ ଅନେକଙ୍କ ଦ୍ୱାରା ଅନୁପ୍ରେରିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ହେଉଛନ୍ତି ଦୈତ୍ୟାରି ପଣ୍ଡା ଏବଂ ହାସ୍ୟ ଅଭିନେତା ଜଗା ରାଉତ। ଦୈତାରି ପଣ୍ଡାଙ୍କୁ ଗୁରୁ ବୋଲି କହୁଥିବା ବେଳେ ଜଗା ରାଉତ ତାଙ୍କ ପାଇଁ ହାସ୍ୟ ଅଭିନୟ ଜଗତର 'ବାପା' ସଦୃଶ। ୧୯୯୬ରେ ଯାତ୍ରା ଜଗତରେ ପାଦ ଥାପିଥିବା ନରି ପଣ୍ଡା ସମ୍ପ୍ରତି ଧଉଳି ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି। ତାଙ୍କ ମତରେ ହାସ୍ୟ ଅଭିନେତା ହେଉଛି ଅସଲ ନାୟକ ଯିଏ ଅନିଦ୍ରାର କ୍ଳାନ୍ତିରେ ଭାଙ୍ଗି ପଡୁଥିବା ଦର୍ଶକମାନଙ୍କ ଭିତରେ ଯାତ୍ରା ଦେଖିବାର ଉତ୍ସାହ ଭରି ଦେଇଥାଏ। "ଆଗରୁ ଯାତ୍ରାର ଜୀବନ କଷ୍ଟଦାୟକ ଥିଲା। ଆମର ପୂର୍ବ ଯାତ୍ରାପୁରୁଷମାନେ ବହୁ କଷ୍ଟ ସ୍ୱୀକାର କରି ଆମ ପାଇଁ ଯେଉଁ ରାସ୍ତା ତିଆରି କରିଛନ୍ତି ଆମେ ଏବେ ସେହି ରାସ୍ତାରେ ଚାଲୁଛୁ। ସେମାନଙ୍କ ପାଇଁ ଆମେ ଭଲରେ ଅଛୁ। ଆଜି ଯାତ୍ରାର ସ୍ଥିତି ବଦଳିଛି। ଆଉ ଆମେ ସେଥିରୁ ଉପକୃତ ହେଉଛୁ" ବୋଲି କହନ୍ତି ଏହି ମେଳାପୀ ହାସ୍ୟ ଅଭିନେତା। ପତ୍ନୀ କୁନି ପଣ୍ଡା, ଦୁଇଝିଅ ପୁଷ୍ପଲତା ଓ ତପସ୍ୱିନୀ ଏବଂ ଏକମାତ୍ର ପୁଅ ପତିତପାବନ ପଣ୍ଡାଙ୍କୁ ନେଇ ତାଙ୍କର ସୁଖର ସଂସାର। ଯେତେଦିନ ଦର୍ଶକଙ୍କ ଭଲ ପାଇବା ଥିବ ସେତେଦିନ ସେ ମଞ୍ଚକୁ ଚଢୁଥିବେ। ଏହା ହେଉଛି ତାଙ୍କର ସ୍ୱପ୍ନ।

**ଦୈତାରି ପଣ୍ଡାଙ୍କୁ ସେ ଗୁରୁ ବୋଲି କହୁଥିବା ବେଳେ ଜଗା ରାଉତ ତାଙ୍କ ପାଇଁ ହାସ୍ୟ ଅଭିନୟ ଜଗତର 'ବାପା' ସଦୃଶ। ୧୯୯୬ରେ ଯାତ୍ରା ଜଗତରେ ପାଦ ଥାପିଥିବା ନରି ପଣ୍ଡା ସମ୍ପ୍ରତି ଧଉଳି ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି।**

## ୩ ବର୍ଷରେ ୨୦ ନିୟୁତ



ହିକା ସମସ୍ତଙ୍କୁ ଆସେ। ମାତ୍ର ସଙ୍ଗୀତଜ୍ଞ ଖ୍ରୀଷ୍ଟୋଫର ସ୍ୟାଣ୍ଡସ୍‌ଙ୍କ କଥା ନିଆରା। ସେ ୩ ବର୍ଷରେ ମାରିଛନ୍ତି ୨୦ ନିୟୁତ ଥର ହିକା। ଖ୍ରୀଷ୍ଟୋଫର ଓରଫ୍ କ୍ରିସ୍ ଅନବରତ ହିକ୍‌କା ମାରି ଚାଲିଥାନ୍ତି। ଏମିତିକି ଶୋଇଥିବା ବେଳେ ମଧ୍ୟ ତାଙ୍କର ହାକୁଟି ଜାରିଥାଏ। ଅନେକ ସମୟରେ ଏହା ତାଙ୍କୁ ନାନାଦି ସମସ୍ୟା ଭିତରକୁ ଟାଣି ନେଇଥିଲା। ଆଉ ସେ ବହୁ ଅପ୍ରୀତିକର ପରିସ୍ଥିତିରେ ମଧ୍ୟ ପଡ଼ିଥିଲେ। ଲୋକହସା ହୋଇଥିଲେ। କ୍ରିସ୍ ନିଜର ହାକୁଟି ବନ୍ଦ କରିବା ପାଇଁ ବହୁପ୍ରକାରର ଚିକିତ୍ସା ବ୍ୟବସ୍ଥା ଆପଣେଇଥିଲେ ତଥା ପ୍ରଚୁର ଅର୍ଥ ଖର୍ଚ୍ଚ କରିଥିଲେ। ମାତ୍ର ସେଥିରୁ କୌଣସି ସୁଫଳ ମିଳି ନଥିଲା। ଶେଷକୁ ତାଙ୍କୁ ବ୍ରେନ୍ ସର୍ଜରୀ କରିବାକୁ ପଡ଼ିଥିଲା। ତା'ପରେ ଯାଇ ହିକ୍‌କା ବନ୍ଦ ହେଲା।



## ଈର୍ଷଣୀୟ ନାଟ୍ୟପୁରୁଷ 'ନବଘନ'

ଆଜିର ତାରିଖରେ ନବଘନ ରାଉଳ ଏକ ଈର୍ଷଣୀୟ ନାମ। ବିଶେଷକରି ଓଡ଼ିଶାର ଯାତ୍ରା ଇଣ୍ଡଷ୍ଟ୍ରି ପାଇଁ। ଗତ ସିଜନ୍‌ର ନାଟକ 'ଗୁପ୍ତ ସମ୍ପର୍କ'ର ଅଭୂତପୂର୍ବ ସଫଳତା ହିଁ ଏହି ନାଟ୍ୟ ପୁରୁଷଙ୍କୁ ଏଭଳି ଈର୍ଷଣୀୟତା ପ୍ରଦାନ କରିଛି। କଥା ଛଳରେ ଏକଦା ଭାରତୀୟ ଉପନ୍ୟାସ ଜଗତର ଅନ୍ୟତମ ପ୍ରଥିତଯଶା ସ୍ରଷ୍ଟା ତଥା ଓଡ଼ିଆ ଉପନ୍ୟାସର ଭୀଷ୍ମ ପିତାମହ ଡ. ବିଭୂତି ପଟ୍ଟନାୟକ କହିଥିବା କଥାଟିଏ ମନେପଡ଼େ। "ଯିଏ ଯେତେ ଈର୍ଷଣୀୟ ସେ ସେତେ ସଫଳ। କେବଳ ସଫଳ ବ୍ୟକ୍ତିଙ୍କୁ ହିଁ ପୁରସ୍କାର ସ୍ୱରୂପ ମିଳେ ଈର୍ଷା। ଏହା ଆଉ କାହାରିକୁ ମିଳେନା !" ତେବେ ଏଭଳି 'ଈର୍ଷଣୀୟ ସଫଳତା' ତାଙ୍କୁ ଏ ସିଜନରେ ଚାପଗ୍ରସ୍ତ କରିଛି କି? ନବଘନ କହନ୍ତି : "ନା, ଆଦୌ ନୁହେଁ। ଚଳିତ ସିଜନର ନାଟକ 'ଚଉଠି ରାତିର ଚଉଦ କଥା' ଏବଂ 'ଏତେ ସରି ତତେ କିଏ କଲା' ତାହାର ଗୋଟିଏ ଗୋଟିଏ ଉଦାହରଣ। ମୁଁ ସବୁବେଳେ କହିଛି ଯେ, ରାତି ଅନିଦ୍ରା ହେଇ ନାଟକ ଦେଖିବାକୁ ଆସୁଥିବା ଦର୍ଶକ ଭଗବାନଙ୍କୁ ମୁଁ ନିରାଶ କରିବିନି। କିଛି ନୂଆ କଥା ଶୁଣେଇବି। ଆଉ ଯାହା ଶୁଣେଇବି ସମ୍ପୂର୍ଣ୍ଣ ନୂଆ ବାଗରେ ଶୁଣେଇବି। ଗରିବ ଛେଉଣ୍ଡ ଅସହାୟ ଝିଅଟିଏ ଅନ୍ତଃସତ୍ତ୍ୱା ହେବା ଆମ ସୋସାଇଟିରେ ନୂଆକଥା ନୁହେଁ। ମାତୃତ୍ୱର ଆହ୍ୱାନରେ କୁଆଁରୀ ଥାଇ ବି ସେଇ ପିଲାଟିକୁ ଦୁନିଆକୁ ଆଣିବା ପାଇଁ ଜିଦ୍ ଧରିବା ମଧ୍ୟ କିଛି ନୂଆକଥା ନୁହେଁ। ମାତ୍ର ତାକୁ ନୂଆବାଗରେ କହିବା, ଗତାନୁଗତିକ ସମାଜର ଚିତ୍ରକୁ ନୂଆ କରି ପ୍ରକାଶ କରିବା ହେଉଛି ଜଣେ ସତ୍ ସ୍ରଷ୍ଟାର ପରିଚୟ। ଏଭଳି ଏକ ସମ୍ବେଦନଶୀଳ କାହାଣୀକୁ ନେଇ ପ୍ରସ୍ତୁତ ହେଇଛି ନାଟକ 'ଚଉଠି ରାତିର ଚଉଦ କଥା' ଯେଉଁଥିରୁ ଦର୍ଶକ କିଛି ନୂଆ ପାଇବେ ନିଶ୍ଚୟ। ନବଘନ ରାଉଳ ଜଣେ ପୋଖତ ସ୍ରଷ୍ଟା ; ଯିଏ ଦୀର୍ଘବର୍ଷ ଧରି ସୁନାରୀର ନିଆଁ ଉହ୍ଲେଇରେ ଶିଝିଶିଝି ଶୁଦ୍ଧ ହେଇ ବାହାରକୁ ଆସିଛନ୍ତି। ତେଣୁ ତାଙ୍କ ଠୁ ନୂଆ ହିଁ ତ ମିଳିବ। ପୁଣି ଏକଥା କେହି ଭୁଲିବା ଉଚିତ ନୁହେଁ ଯେ, ନବଘନ ହେଉଛନ୍ତି ସେହି ମାଟିର ସ୍ରଷ୍ଟା ଯେଉଁ ମାଟିର ପ୍ରଜାପତିଙ୍କ ତାଲିକା ଆରମ୍ଭ ହୋଇଛି ବ୍ୟାସକବି ଫକୀର ମୋହନଙ୍କଠୁ। ଆଉ ତାହା ଲମ୍ବି ଆସିଛି ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ପୁଣି ନାଟ୍ୟଭୂଷଣ ଉମାକାନ୍ତ ବେହେରାଙ୍କ ଯାଏ। ଚଳିତ ଯାତ୍ରା ସିଜନ୍‌କୁ ନବଘନଙ୍କୁ ସ୍ୱାଗତ।

*ଆଜିର ତାରିଖରେ ନବଘନ ରାଉଳ ଏକ ଈର୍ଷଣୀୟ ନାମ। ବିଶେଷକରି ଓଡ଼ିଶାର ଯାତ୍ରା ଇଣ୍ଡଷ୍ଟ୍ରି ପାଇଁ। ଗତ ସିଜନ୍‌ର ନାଟକ 'ଗୁପ୍ତ ସମ୍ପର୍କ'ର ଅଭୂତପୂର୍ବ ସଫଳତା ହିଁ ଏହି ନାଟ୍ୟ ପୁରୁଷଙ୍କୁ ଏଭଳି ଈର୍ଷଣୀୟତା ପ୍ରଦାନ କରିଛି।*

# କୁକୁଡ଼ାଙ୍କ ପାଇଁ ଡାଇପର୍






ଛୋଟ ପିଲାଙ୍କ ପାଇଁ ଡାଇପର୍ ତ ପ୍ରାୟ ସମସ୍ତେ ବ୍ୟବହାର କରୁଛନ୍ତି। ହେଲେ ପୋଷା ଜୀବଜନ୍ତୁ, ଖାସ୍‌କରି ପୋଷା କୁକୁଡା ଡାଇପର୍ ପିନ୍ଧିବା କଥା ଜାଣି ନ ଥିବେ। ଏଭଳି ଏକ ଟ୍ରେଣ୍ଡ ଆରମ୍ଭ ହୋଇଛି ଆମେରିକାର କିଛି ସ୍ଥାନରେ। ଏବେ ଖାସ୍ କରି ନ୍ୟୁୟର୍କ, ଡେନ୍‌ଭର୍ ଓ ଲସଆଞ୍ଜେଲସ୍‌ରେ ପାରମ୍ପରିକ କୁକୁର, ବିଲେଇ ରଖିବାକୁ ପସନ୍ଦ କରୁ ନାହାନ୍ତି। ବରଂ କୁକୁଡା ପାଳିବାକୁ ଭଲ ପାଉଛନ୍ତି। ଏବେ ତ ଏହା ଷ୍ଟାଟସ୍‌ର ପ୍ରତୀକ ପାଲଟିଗଲାଣି। ଏହାକୁ ନଜରରେ ରଖି ଉତ୍ତରପୂର୍ବ ଆମେରିକାର



ନ୍ୟୁ ଇଂଲଣ୍ଡ ପ୍ରାନ୍ତସ୍ଥ ନ୍ୟୁ ହାମ୍ପସିୟର୍‌ର ଜୁଲି ବେକର୍ ତିଆରି କରିଛନ୍ତି ଫ୍ୟାଶନେବଲ୍ ଚିକେନ୍ ଡାଇପର୍। ଆଉ ଏହି ବ୍ୟବସାୟ ବେଶ୍ ଭଲ ବି ଚାଲିଛି। ସେ ଏଥିରୁ ବାର୍ଷିକ ୫୦,୦୦୦ ଡଲାର ରୋଜଗାର କରୁଛନ୍ତି। ୧୦ ବର୍ଷ ତଳେ ୟୁଟ୍ୟୁବ୍‌ରୁ ସେ କୁକୁଡାଙ୍କର ଏହି ଡାଇପର୍‌ର ଯୋଜନା କରିଥିଲେ। ତାଙ୍କ ଝିଅ ପ୍ରାୟତଃ ନିଜର ପ୍ରିୟ କୁକୁଡାକୁ ଘରକୁ ଆଣିଦିଏ। ଆଉ କୁକୁଡା ଘରସାରା ମଳତ୍ୟାଗ କରିଦିଅନ୍ତି। ତେଣୁ ସେ ଭାବିଲେ ଏହି ଯୋଜନାକୁ ରୂପ ଦିଆଯାଉ। ଯଦ୍ୱାରା ତାଙ୍କ ଘର ଆଉ କୁକୁଡା ମଳରେ ଅପରିଷ୍କାର ହେବ ନାହିଁ। ପରେ ସେ କଟନ୍‌ର ବିଭିନ୍ନ ପ୍ରକାର ଡାଇପର୍ ତିଆରି କରିବା ଆରମ୍ଭ କଲେ। ଏହାକୁ ଦେଖି ଆଖପାଖ ବିଭିନ୍ନ ଫାର୍ମରେ ଏହି ଡାଇପର୍ ପାଇଁ ତାଙ୍କୁ ଅର୍ଡର୍ କଲେ। ଧୀରେ ଧୀରେ ତାଙ୍କ ବ୍ୟବସାୟ ବଢିଲା। ଗାଁରୁ ସହର ଯାଏଁ ଏହି ଡାଇପର୍‌ର ଚାହିଦା ବଢିଲା। ତାଙ୍କ ଡାଇପର୍‌ଗୁଡିକ ବେଶ୍ ଆକର୍ଷକ ବି ହୋଇଥାଏ। ତେଣୁ କୁକୁଡା ପିନ୍ଧିଲେ ବେଶ୍ ସୁନ୍ଦର ବି ଦେଖାଯାଆନ୍ତି।







# ଆଳୁର ଦାମ୍ ୭ କୋଟି

ପରିବା ଭିତରେ ଆଳୁ ସମସ୍ତଙ୍କର ପ୍ରିୟ। ଗରିବଠୁ ଧନୀ ସମସ୍ତଙ୍କ ଥାଳିରେ ଏହାର ସ୍ଥାନ ସ୍ୱତନ୍ତ୍ର। ତେଣୁ ଏହାର ଦାମ୍ ସମସ୍ତଙ୍କୁ ସୁହାଇଲା ଭଳି ହୋଇଥାଏ। ତେବେ ଜଣେ ୟୁରୋପୀୟ ବ୍ୟବସାୟୀ ମାତ୍ର ଗୋଟିଏ ଆଳୁକୁ ଏତେ ଟଙ୍କାରେ  କିଣିଛନ୍ତି ଯେ, ତାହା କଳ୍ପନା ବାହାରେ। ଶହେ, ହଜାରେ କି ଲକ୍ଷରେ ବି ନୁହେଁ ବରଂ ମାତ୍ର ଗୋଟିଏ ଆଳୁକୁ ବ୍ୟକ୍ତିଜଣକ କିଣିଛନ୍ତି ପ୍ରାୟ ୭ କୋଟି ଟଙ୍କାରେ। ଭାବୁଥିବେ ଇଏ କେମିତିକା ଆଳୁ ଯେ, ତା'ର ଦାମ୍ ଏତେ ? ତେବେ ପ୍ରକୃତ କଥା ହେଉଛି ଯେଉଁ ଆଳୁଟି ବିକ୍ରି ହୋଇଛି ତାହା ସତସତିକା





କେଭିନ୍ ଜଣେ ପ୍ରସିଦ୍ଧ ଫଟୋଗ୍ରାଫର୍ ହେବା ସହ ତାଙ୍କ ପୋର୍ଟ୍ରେଟ୍‌ଟି ବେଶ୍ ନିଖୁଣ ହୋଇଥିବାରୁ ତାକୁ ଉକ୍ତ ବ୍ୟବସାୟୀ ଜଣକ ୭ କୋଟି ଟଙ୍କାରେ କିଣିଥିଲେ।

ଆଳୁ ନୁହେଁ ବରଂ ଆଳୁର ଏକ ପେଣ୍ଟିଂ। ୨୦୧୦ରେ ପ୍ରସିଦ୍ଧ ଆଇରିଶ ଫଟୋଗ୍ରାଫର୍ ଲେନ୍ସମ୍ୟାନ୍ କେଭିନ୍ ଅବ୍ରାଶ୍ ଆଳୁର ଏହି ଫଟୋ ଉଠାଇଥିଲେ। ପରେ ସେ ଉକ୍ତ ଫଟୋର ଏକ ପୋର୍ଟ୍ରେଟ୍ ତିଆରି କରିଥିଲେ। ସାଧାରଣତଃ କେଭିନ୍‌ଙ୍କ ପୋର୍ଟ୍ରେଟ୍‌ଗୁଡିକ ୧.୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱରେ ବ୍ରକ୍ରି ହୋଇଥାଏ। ସେ ବ୍ଲାକ୍ ଡ୍ରପ୍ ପୋର୍ଟ୍ରେଟ୍ ଫଟୋଗ୍ରାଫି ପାଇଁ ପ୍ରସିଦ୍ଧ। ତାଙ୍କର ଆଳୁ ବହୁତ ପ୍ରିୟ। ତେଣୁ ଆଳୁର ପେଣ୍ଟିଂ କରିବା ପାଇଁ ସେ ଅନେକ ଆଳୁର ଫଟୋ ଉଠାଇଥିଲେ। ଆଉ ତାଙ୍କୁ ଏହି ଫଟୋ ପସନ୍ଦ ହେଲା। ଆଉ ସେ ତା'ର ପୋର୍ଟ୍ରେଟ୍ ତିଆରି କରିଦେଲେ। କେଭିନ୍ ଜଣେ ପ୍ରସିଦ୍ଧ ଫଟୋଗ୍ରାଫର୍ ହେବା ସହ ତାଙ୍କ ପୋର୍ଟ୍ରେଟ୍‌ଟି ବେଶ୍ ନିଖୁଣ ହୋଇଥିବାରୁ ତାକୁ ଉକ୍ତ ବ୍ୟବସାୟୀ ଜଣକ ୭ କୋଟି ଟଙ୍କାରେ କିଣିଥିଲେ।

